**ସଂକ୍ଷେପରେ**

## ଜେଲରୁ ମୁକୁଳିଲେ ଚାଷୀନେତା

ଚଣ୍ଡିଖୋଲ,୧୪।୪(ପ୍ରଦୀପ୍ତ କୁମାର ପୃଷ୍ଟି): ଚାଷୀଙ୍କୁ ପେନସନ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଧାନର ଅଭାବୀ ବିକ୍ରି, ଜଙ୍ଗଲ ଜମିର ଅଧିକାରକୁ ନେଇ ମାର୍ଚ୍ଚ ୨୨ରୁ୩୧ ପର୍ଯ୍ୟନ୍ତ ନବ ନିର୍ମାଣ କୃଷକ ସଂଗଠନର ପଦଯାତ୍ରା ଘଟଗାଁରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ୧୩ ଚାଷୀ ନେତାଙ୍କୁ ସରକାର ଜେଲ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହ ଉତ୍ତରପ୍ରଦେଶ ସଂଯୋଜକ ଅରବିନ୍ଦ ମୂର୍ତ୍ତି, ଝାଡ଼ଖଣ୍ଡ ସଂଯୋଜକ ବିଜୟ ସିଂ, ଓଡ଼ିଶା ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଯାଜପୁର ଜିଲା ଯୁବ ଛାତ୍ର ସଂଯୋଜକ ଅଶ୍ୱିନୀ ଜେନାଙ୍କ ସହ ୮ଜଣ ୧୫ ଦିନ ଜେଲରେ ରହି ସୋମବାର ମୁକୁଳିଛନ୍ତି। ଶହଶହ ଚାଷୀ ନେତୃତ୍ୱ ସେମାନଙ୍କୁ ପାଛୋଟି ଆଣିଥିଲେ। ମଙ୍ଗଳବାର ଯାଜପୁର ଜିଲା ଯୁବ ଛାତ୍ର ସଂଯୋଜକ ନିଜ ଜନ୍ମ ମାଟି ବଡ଼ବାଲିକୁଦା ଫେରିବା ସମୟରେ ଜନକ ଛକରେ ତାଙ୍କୁ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ସେ ପ୍ରତିକ୍ରିୟାରେ କହିଛନ୍ତି, ୧୫ ଦିନ ପରେ ଜେଲରୁ ଫେରିଲୁ। ସରକାର ଜେଲରେ ପୁରେଇ ଆନ୍ଦୋଳନକୁ ଦମନ କରିବା ଅସମ୍ଭବ। ସରକାର ଜେଲ ତିଆରି କରନ୍ତୁ ଆମେ ଜେଲ ଯିବା ପାଇଁ ପ୍ରସ୍ତୁତ ଅଛୁ। ଜିଲା ସହ ସଂଯୋଜକ ଅଶୋକ ଶାନ୍ତି କହିଥିଲେ, ସଂଗଠନକୁ ଚପାଇ ଆନ୍ଦୋଳନକୁ ଚପାଇବା ନିଶା ଭୁଲିଯାନ୍ତୁ ସରକାର। ଏବେଠାରୁ ତୃଣମୂଳସ୍ତରରୁ ଚାଷୀଙ୍କୁ ସଂଗଠିତ କରି ଜନଆନ୍ଦୋଳନକୁ ଦୁର୍ବାର କରାଯିବ। ବଡ଼ଚଣା ବ୍ଲକ ସଂଯୋଜକ ସୁବାସ ଖଣ୍ଡାଇ, ପ୍ରଶାନ୍ତ ସ୍ୱାଇଁ, ବଟ ଜେନା, ପ୍ରତାପ ଜେନା ଓ ଅଭୟ ସ୍ୱାଇଙ୍କ ସମେତ ଯାଜପୁରର ବହୁ ଚାଷୀ ନେତୃତ୍ୱ କର୍ମକର୍ତ୍ତାଙ୍କୁ ପାଛୋଟି ନେଇଥିଲେ।

## ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ପାଳିତ

ଯାଜପୁର ଟାଉନ,୧୪।୪(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ସହରରେ ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ପ୍ରତ୍ୟେକ ଘରେ ମହିଳା ସକାଳୁ ପଣା ଧରି ମା' ବୃନ୍ଦାବତୀଙ୍କୁ ଅର୍ପଣ କରିବା ପରେ ବିଭିନ୍ନ ଦେବଦେବୀଙ୍କୁ ପୂଜାଲାଗି କରିଥିଲେ। ସେହିପରି ସହରର ବିଭିନ୍ନ ଛକ ବଜାରରେ ଅବସ୍ଥିତ ମହାବୀରଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଏହିସବୁ ସ୍ଥାନରେ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ଯାଜପୁର ସହରର ରକ୍ଷାକାଳୀ ଜିମ୍‌ନାସିୟମ, ମହାବୀର ଜିମ୍‌ନାସିୟମ, ସରକାରୀ ବସ୍‌ଷ୍ଟାଣ୍ଡ(ଡିଏମ୍‌ଏସ୍), ହରପାର୍ବତୀ ଛକ, ରାଣୀରାମଚନ୍ଦ୍ରପୁର, ରାଉତରାପୁର, ପଣସା, ବିରଜା ହାଟ, ଯାଉଁଳିବନ୍ଧ, କୁଆଁସରପୁର ଇତ୍ୟାଦି ସ୍ଥାନରେ ହନୁମାନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ବିରଜା ମନ୍ଦିର ନିକଟ ମହାବୀର ଜିମ୍‌ନାସିୟମର ପୁରୋଧା ନୀଳକଣ୍ଠ ମିଶ୍ର ଓ ଅନ୍ୟ କର୍ମକର୍ତ୍ତା ପୂଜାକୁ ଆୟୋଜନ କରିଥିଲେ। ଦେବୀଗଡ଼ା ଘାଟରେ ଶଙ୍କର୍ଷଣ ବେହେରା ଏବଂ ଅନ୍ୟ ସଦସ୍ୟଙ୍କ ନେତୃତ୍ୱରେ ହନୁମାନଙ୍କ ପୂଜା କରାଯାଇଥିଲା।

# ଭେଦଭାବ ଦୂରହେଲେ ଉନ୍ନତି ସମ୍ଭବ: ଜିଲାପାଳ

### ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ

ଯାଜପୁରଟାଉନ,୧୪।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ଜିଲାସ୍ତରୀୟ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ମହାସମାରୋହ ପାଳିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅମ୍ବର କୁମାର କର, ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଧୀର ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନେ ସଂସ୍କୃତି ଭବନ ପରିସରରେ ଥିବା ଆମ୍ବେଡକର ଏବଂ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାପାଳ ଆମ୍ବେଡକରଙ୍କ ଜୀବନୀ ଓ ଦର୍ଶନ ଏବଂ ଦେଶର ସମ୍ବିଧାନ ପ୍ରଣୟନରେ ତାଙ୍କର ଯୋଗଦାନ ସମ୍ବନ୍ଧରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜରୁ ପାତର ଅନ୍ତର, ଭେଦଭାବ ଦୂର ହେଲେ ଯାଇ ଉନ୍ନତି ସମ୍ଭବ ବୋଲି ଜିଲାପାଳ କହିଥିଲେ। ମୁଖ୍ୟବକ୍ତା ଗଣତନ୍ତ୍ର ଏବଂ ସାମାଜିକ ବ୍ୟବସ୍ଥାକୁ ନେଇ ଆମ୍ବେଡକରଙ୍କ ଚିନ୍ତାଧାରା ସମ୍ପର୍କରେ ଏକ ବୌଦ୍ଧିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ ଆୟୋଜିତ ହୋଇଥିବା ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।



ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ଜିଲାପାଳ ଓ ଅନ୍ୟମାନେ।

# ସବୁ ଦଳିତ ସାହିରେ ହେବ ଆମ୍ବେଡକର ଭବନ



ଭାଜପା ପକ୍ଷରୁ ଅନୁଷ୍ଠିତ ଆମ୍ବେଡକରଙ୍କ ଜୟନ୍ତୀରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

### ଭାଜପା ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ

କାଏମା,୧୪।୪(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଭାଜପା ପକ୍ଷରୁ ମଙ୍ଗଳବାର ସମ୍ବିଧାନ ପ୍ରଣେତା ଡ. ଭିମରାଓ ଆମ୍ବେଡକରଙ୍କ ଜୟନ୍ତୀ ଜାରକାସ୍ଥିତ ଷ୍ଟାଡିୟମ ହଲରେ ପାଳିତ ହୋଇଯାଇଛି। ଭାଜପା ନେତା ଚନ୍ଦ୍ରମଣି ପଣ୍ଡିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ସେ କହିଥିଲେ, ଅମ୍ବେଡକରଙ୍କ ଲିଖିତ ସମ୍ବିଧାନ ବଳରେ ଭାରତର ଲୋକେ ଭେଦ ଭାବ ଭୁଲି ଦେଶ ପାଇଁ କାର୍ଯ୍ୟ କରୁଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ଦଳିତ ସାହିରେ ଗୋଟିଏ ଲେଖାଏ ଆମ୍ବେଡକର ଭବନ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଛି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଏମ୍‌ପି ରୀତା ତରେଇ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଭାଜପା ନେତା ପ୍ରିୟନାଥ ମହାପାତ୍ର, ଅନାମ ଚରଣ ମଲିକ, ନାରାୟଣ ମଲିକ ଓ ବିନୋଦ ବିହାରି ମଲିକ ପ୍ରମୁଖ ଯୋଗଦେଇ ଭାରତୀୟ ଏକ ହୋଇ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଧର୍ମଶାଳା ବ୍ଲକ ପରିସରରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜାରକା ନିକଟ କୁମାରୀ ପଞ୍ଚକଜାୟତର ଜାମୁବଣିଆଁଠାରେ ନିର୍ମିତ ଅମ୍ବେଡକର ଭବନକୁ ବିଧାୟକ ଓ ଜିଲା ଭଜାପା ସଭାନେତ୍ରୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ ପାଳ, ଦେବରାଜ ମିଶ୍ର, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଶ୍ରୀବସ୍ତ ଧୀର, ଦେବଦତ ପଣ୍ଡା, ତୀର୍ଥରାଜ ପଣ୍ଡା, ଅଭିଷେକ ରାଉତ ଓ ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନା କରିଥିଲେ। ସରୋଜ କୁମାର ମଲିକ ଧନ୍ୟବାଦ ଦେଇଥିଲେ।

# ଟିଏସ୍‌କେ, ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ଶୁଭାରମ୍ଭ


ଟାଟା ଷ୍ଟିଲ୍ କଳିଙ୍ଗନଗର ପରିସର ସେଣ୍ଟ୍ରାଲ ଫାୟାର୍ ଷ୍ଟେଶନଠାରେ ଆୟୋଜିତ ସମାରୋହରେ ଯୋଗଦେଇଥିବା ଅତିଥି ଓ ଅଗ୍ନିଶମ କର୍ମଚାରୀ।

କଳିଙ୍ଗନଗର,୧୪।୪ (ଶୁଭାଶିଷ ରାଉତ):

ଅଗ୍ନିଶମ କର୍ମଚାରୀଙ୍କ ତ୍ୟାଗ ଏବଂ ସେବାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ମଙ୍ଗଳବାର ଯାଜପୁର ଜିଲାର ଟାଟା ଷ୍ଟିଲ୍ କଳିଙ୍ଗନଗର(ଟିଏସ୍‌କେ) ଏବଂ ନୀଳାଚଳ ଇସ୍ପାତ ନିଗମ(ଏନ୍‌ଆଇ୍‌ଏନ୍‌ଏଲ୍) ପରିସରରେ 'ଜାତୀୟ ଅଗ୍ନିଶମ ସେବା ସପ୍ତାହ' ଶୁଭାରମ୍ଭ କରାଯାଇଛି। ସେବାବେଳେ ସର୍ବୋଚ୍ଚ ବଳିଦାନ ଦେଇଥିବା ଶହୀଦ ଅଗ୍ନିଶମ ବାହିନୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟଥିଲା। ଟାଟା ଷ୍ଟିଲ୍ କଳିଙ୍ଗନଗର ପରିସର ସେଣ୍ଟ୍ରାଲ ଫାୟାର୍ ଷ୍ଟେଶନଠାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଟିଏସ୍‌କେର ଅପରେସନ୍ସ ଭାଇସ ପ୍ରେସିଡେଣ୍ଟ ଉତ୍ତମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଶହୀଦଙ୍କୁ ସ୍ମରଣ କରିଥିଲେ। କଳିଙ୍ଗନଗର ଅଗ୍ନିଶମ ଓ ସୁରକ୍ଷା ବିଭାଗ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ଏକ 'ଅଗ୍ନି ସୁରକ୍ଷା ସଚେତନତା ରଥ'ର ଶୁଭାରମ୍ଭ କରାଯାଇଥିଲା। ସେହିପରି ନୀଳାଚଳ ଇସ୍ପାତ ନିଗମଠାରେ ଆୟୋଜିତ ଉତ୍ସବରେ ସପ୍ଲାଇ ଚେନ ମୁଖ୍ୟ ସୁଶାନ୍ତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ



ଚଣ୍ଡିଖୋଲ,୧୪।୪(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅନ୍ତର୍ଗତ ଦେକୁରୀ ଗ୍ରାମର ସାମାଜିକ କର୍ମୀ ଫକୀର ମୋହନ ପାତ୍ର(୭୮)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ଗତ ୪ ତାରିଖରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଭୁବନେଶ୍ୱରରୁ ମରଶରୀର ଆସି ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ସମିତିସଭ୍ୟ ମନୋରମା ଭଞ୍ଜ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ପୂର୍ବତନ ସମିତିସଭ୍ୟ ସୁମନ୍ତ ଜେନା ଓ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ବଡ଼ପୁଅ ସଞ୍ଜୟ ପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଧାୟକ ଅମର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଂଗ୍ରେସ ନେତା ଅଜୟ ସାମଲ, ଐତିହାସିକ ହରିଶ୍ଚନ୍ଦ୍ର ପୃଷ୍ଟି, ବିଜୟ ତ୍ରିପାଠୀ ଓ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ଧର୍ମଶାଳା ବସ୍‌ଷ୍ଟାଣ୍ଡରେ ପଣା ବଣ୍ଟନ

ଧର୍ମଶାଳା,୧୪।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଙ୍ଗଳବାର ପଣା ସକ୍ରାନ୍ତି ଅବସରରେ ଜାରକା ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀଙ୍କୁ ପଣା ବଣ୍ଟନ କରାଯାଇଛି। ଏଥିରେ ନାଗରିକ ମଞ୍ଚ ସଭାପତି ଗୟାଧର ପଣ୍ଡା, କର୍ମକର୍ତ୍ତା ବିବେକାନନ୍ଦ ନାୟକ, ଯୁଧିଷ୍ଠିର ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ଭିକାରି ମଲିକ, ବନମାଳୀ ରାଉତ, ନୃସିଂହ ମହାନ୍ତି, ହୃଷୀକେଶ ସାମଲ, ନିରଜ ମହାନ୍ତି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ବଟକୃଷ୍ଣ ସାହୁ, ପୀତବାସ ପାତ୍ର, ସତ୍ୟାନନ୍ଦ ପ୍ରଧାନ ଓ ନାରାୟଣ ଲେଙ୍କା ସହଯୋଗ କରିଥିଲେ।

## ଗ୍ରାମବାସୀଙ୍କ ସହାୟତାରେ ଖୋଲିଲା ଜଳଛତ୍ର




ବରୀ,୧୪।୪(ମହେନ୍ଦ୍ର ସ୍ୱାଇଁ):

ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ବରୀ ବ୍ଲକ୍ ବାଲିବିଲ ପଞ୍ଚାୟତ ଗାନ୍ଧୀ ଛକଠାରେ ବାଲିବିଲ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏକ ଜଳଛତ୍ର ଖୋଲାଯାଇଛି। ଉକ୍ତ ଜଳଛତ୍ର ଗ୍ରୀଷ୍ମ ପ୍ରବାହ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ମିଳିଛି। ଜଳଛତ୍ରକୁ ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷୟିତ୍ରୀ ବନ୍ଦନା ପତି, ରବୀନ୍ଦ୍ର ସ୍ୱାଇଁ, ମାନଗୋବିନ୍ଦ ସାମଲ, ପ୍ରକାଶ ପଢ଼ିହାରୀ, ଅଶୋକ ସାମଲ, ବିଷ୍ଣୁଚରଣ ସାମଲ, ବିବେକାନନ୍ଦ ନାଥ, ଅରୁଣ ସାମଲ ଓ ରାଜକିଶୋର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମଶାଳା ମହିଳା ଜୁନିୟର କଲେଜରେ ଓଡ଼ିଆ ପକ୍ଷ

ଧର୍ମଶାଳା,୧୪।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହିଳା ଜୁନିୟର କଲେଜ ପରିସରରେ ସଂସ୍କୃତ ବିଭାଗ ଅଧ୍ୟାପିକା ପ୍ରଭାସିନୀ ପ୍ରଧାନଙ୍କ ସଭାପତିତ୍ୱରେ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଧର୍ମଶାଳା ମଣ୍ଡଳ ସହଶିକ୍ଷା ଅଧିକାରୀ ମମିତା ମହାନ୍ତି ଅତିଥିଭାବେ ଯୋଗଦେଇ ଓଡ଼ିଆ ପକ୍ଷ ପାଳନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୋନାଲି ସାହୁ, ଡେମନଷ୍ଟ୍ରେଟର ସୁଶ୍ରିତା ରାଉତ ଓଡ଼ିଆ ସଂସ୍କୃତି ଓ ଅସ୍ମିତା ଉପରେ ଆଲୋକପାତ କରିଥିଲେ। ଦାମୋଦର ବିଦ୍ୟାପୀଠ ଶିକ୍ଷକ ଏସ୍‌କେ ସାଗିର ଓଡ଼ିଆ ପକ୍ଷ ପାଳନ ଓଡ଼ିଶାର ପର୍ବ ବୋଲି କହିଥିଲେ। କର୍ମଚାରୀ ସୁବାସ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ବରାଳ, କାର୍ତ୍ତିକ ଚନ୍ଦ୍ର ବେହେରା ସହଯୋଗ କରିଥିଲେ।


ଓଡ଼ିଆ ପକ୍ଷ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

# ନାଟକ ହେଉଛି ସମାଜର ଦର୍ପଣ


ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ନବଜ୍ୟୋତି ନାଟ୍ୟ ସଂସଦର ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ବରୀ,୧୪।୪(ମହେନ୍ଦ୍ର ସ୍ୱାଇଁ):

ବରୀ ନବଜ୍ୟୋତି ନାଟ୍ୟ ସଂସଦର ୪୯ତମ ବାର୍ଷିକ ନାଟ୍ୟ ମହୋତ୍ସବ ପାଳିତ ହୋଇଯାଇଛି। ଦୀର୍ଘ ଦଶନ୍ଧି ଧରି ଗ୍ରାମାଞ୍ଚଳର ଲୁକ୍କାୟିତ କଳା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ଏହି ସଂସଦ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି। ଚଳିତ ବର୍ଷର ଏହି ସ୍ୱତନ୍ତ୍ର ଉତ୍ସବରେ ଦୁଇ ଦିନ ଧରି ନାଟକ ପରିବେଷଣ କରାଯାଇଥିଲା। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ନାଟକ ହେଉଛି ସମାଜର ଦର୍ପଣ ଏବଂ ଏହା ମାଧ୍ୟମରେ ସାମାଜିକ ସଂସ୍କାର ସହ ଗ୍ରାମାଞ୍ଚଳ କଳାକାରଙ୍କ ଅଭିନୟ ଶୈଳୀରେ ଉନ୍ନତି ଆସିପାରିବ। ସାମ୍ପ୍ରତିକ ଡିଜିଟାଲ ଯୁଗରେ ମଧ୍ୟ ମଞ୍ଚ ନାଟକ ପ୍ରତି ଲୋକଙ୍କର ଆଦର କମିନାହିଁ, ଯାହାର ଜ୍ୱଳନ୍ତ ଉଦାହରଣ ନବଜ୍ୟୋତି ନାଟ୍ୟ ସଂସଦ ବୋଲି ସେ ମତ ରଖିଥିଲେ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ହୃଦୟସ୍ପର୍ଶୀ ନାଟକ 'କାହାଣୀ କାନ୍ଦୁଛି ଆଖି ଲୁଚାଇ'। ଏହି ନାଟକଟି ସମ୍ପୂର୍ଣ୍ଣ ପାରିବାରିକ ବେଦନା ଓ ମାନବୀୟ ସମ୍ପର୍କର ଜଟିଳତାକୁ ନେଇ ଗତିଶୀଳ ହୋଇଥିଲା। କଳାକାରଙ୍କ ପ୍ରାଞ୍ଜଳ ସଂଳାପ ଏବଂ ଜୀବନ୍ତ ଅଭିନୟରେ ଦର୍ଶକ ବିମୋହିତ ହୋଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ସମ୍ପୂର୍ଣ୍ଣ ସାମାଜିକ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ'। ଏହି ନାଟକ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ମଣିଷ ସମାନ ବୋଲି ସମାଜକୁ ଏକ ଶାଣିତ ତଥା ସୁନ୍ଦର ବାର୍ତ୍ତା ପ୍ରଦାନ କରିଥିଲା। ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ଅନେକ ନୂତନ ଓ ଯୁବ କଳାକାର ନିଜର କଳା ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ। ବରିଷ୍ଠ କଳାକାରଙ୍କ ମାର୍ଗଦର୍ଶନରେ ନୂତନ ପିଢ଼ିର ଅଭିନେତା ଓ ଅଭିନେତ୍ରୀ ଅତ୍ୟନ୍ତ ନିଖୁଣ ଭାବେ ନିଜ ଚରିତ୍ରକୁ ନିଭାଇଥିଲେ। ଏହି ନାଟ୍ୟ ଉତ୍ସବରେ ସଂସଦର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଗ୍ରାମ୍ୟ ନିର୍ମାଣ ବିଭାଗ: ବଦଳି ନୀତିକୁ ନେଇ ପ୍ରଶ୍ନବାଚୀ

ଯାଜପୁର,୧୪।୪ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାର ଲୋକଙ୍କୁ ସ୍ୱଚ୍ଛ ଶାସନ, ଉତ୍ତରଦାୟୀ ଏବଂ ଲୋକାଭିମୁଖୀ ସେବା ଯୋଗାଇ ଦେବାକୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରତି ୩ ବର୍ଷରେ ବଦଳି ବ୍ୟବସ୍ଥା କରିଛନ୍ତି। କିନ୍ତୁ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନରେ ଏହି ବ୍ୟବସ୍ଥା କେବଳ ଘୋଷଣାରେ ସୀମିତ ରହିଥିବା ମନେ ହେଉଛି। କାରଣ ୨୦୦୭ରୁ କେତେଜଣ ଯନ୍ତ୍ରୀ ଜିଲାର ବିଭିନ୍ନ ସ୍ଥାନରେ ଘୂରି ବୁଲି ରହିଛନ୍ତି। ଯାଜପୁର ବିଭାଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଫଳରେ ବିଭାଗରେ ବଦଳି ନୀତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଭାଗୀୟ ରିପୋର୍ଟ ଅନୁସାରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନର ୨ ଜଣ ଯନ୍ତ୍ରୀ ଯଥାକ୍ରମେ ୨୦୦୭ ଓ ୨୦୦୮ରୁ ଜିଲାରେ କାର୍ଯ୍ୟରତ। ଏଥିରେ ସ୍ୱର୍ଣ୍ଣପ୍ରଭା ଜେନା ୨୦୦୭ରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ-୨ରେ ଏଷ୍ଟିମେଟର ଭାବେ କାର୍ଯ୍ୟ କରିଥିବାବେଳେ ୨୦୧୦ରୁ ୨୦୨୧ କେନ୍ଦ୍ରାପଡା ଡିଭିଜନରେ କାର୍ଯ୍ୟ କରିଥିଲେ। ଏହାପରେ ସେ ପୁଣି

### ଯାଜପୁର ଜିଲା

୨୦୨୧ରୁ ଯାଜପୁର ବିଭାଜନରେ କାର୍ଯ୍ୟ କରି ଆସୁଛନ୍ତି। ସେହିପରି ରଞ୍ଜନ କୁମାର ବେହେରା ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ ସୁକିନ୍ଦା ସେକ୍ସନରେ କାମ କରିଥିବାବେଳେ ୨୦୧୦ରୁ ୨୦୧୫ ଟମକା ଓ ୨୦୧୭ରୁ ଆଜି ପର୍ଯ୍ୟନ୍ତ ଜିଲାର କୋରେଇ ସେକ୍ସନରେ କାର୍ଯ୍ୟରତ। ମଝିରେ ୨୦୧୫ ରୁ ୨୦୧୭ ପର୍ଯ୍ୟନ୍ତ କେବଳ ୨ ବର୍ଷ ପାଇଁ କେନ୍ଦ୍ରାପଡା ଡିଭିଜନକୁ ତାଙ୍କ ବଦଳି ହୋଇଥିଲା। ଅର୍ଥାତ ଯନ୍ତ୍ରୀ ବେହେରା ଯାଜପୁର ଜିଲାରେ ୧୬ ବର୍ଷ ଧରି ରହିଛନ୍ତି। ଦିଲୀପ କୁମାର ସାହୁ ୨୦୧୮ରୁ ୨୦୨୩ ଚଣ୍ଡିଖୋଲ ସେକ୍ସନ ଏବଂ ୨୦୨୩ରୁ ଆଜି ପର୍ଯ୍ୟନ୍ତ ସୁକିନ୍ଦା ସେକ୍ସନରେ କାର୍ଯ୍ୟରତ। ଯନ୍ତ୍ରୀ ଅଶୋକ କୁମାର ଜେନା ୨୦୨୧ରୁ ଆଜି ପର୍ଯ୍ୟନ୍ତ ୫ ବର୍ଷ ହେଲା ଜିଲାର ଦଶରଥପୁର ସେକ୍ସନରେ କାମ କରୁଛନ୍ତି। ଯନ୍ତ୍ରୀ ମଧୁସ୍ମିତା ଜେନା ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ଯାଜପୁର ସେକ୍ସନରେ କାମ କରିଥିବାବେଳେ ପୁଣି ସେ ୨୦୨୫ରୁ ଆଜି ପର୍ଯ୍ୟନ୍ତ ଯାଜପୁର ଡିଭିଜନରେ ଏଷ୍ଟିମେଟର ଭାବେ କାର୍ଯ୍ୟରତ। ଯନ୍ତ୍ରୀ ବିନୋଦ କୁମାର ସିଆଲ ୨୦୧୭ ରୁ ଦଶରଥପୁର ସେକ୍ସନ ଓ ୨୦୨୫ ରୁ ବରୀ ସେକ୍ସନରେ ଅର୍ଥାତ ଜିଲାରେ ସେ ଦୀର୍ଘ ୯ ବର୍ଷ ହେଲା କାମ କରୁଛନ୍ତି। ଯନ୍ତ୍ରୀ ତୃପ୍ତିମୟୀ ପ୍ରଧାନ ୨୦୨୦ ରୁ ଆଜି ପର୍ଯ୍ୟନ୍ତ ୬ ବର୍ଷ ହେଲା ଯାଜପୁର ଡିଭିଜନରେ ଏଷ୍ଟିମେଟର ଭାବେ କାର୍ଯ୍ୟରତ। ଯନ୍ତ୍ରୀ ଦିଲୀପ କୁମାର ସାହୁ ୨୦୧୮ରୁ ଜିଲାର ଚଣ୍ଡିଖୋଲ ଓ ସୁକିନ୍ଦା ସେକ୍ସନରେ ଆଜି ପର୍ଯ୍ୟନ୍ତ ୮ ବର୍ଷ ହେଲା କାମ କରୁଛନ୍ତି। ଯନ୍ତ୍ରୀ ଅଶୋକ କୁମାର ଜେନା ୨୦୨୧ରୁ ଦଶରଥପୁର ସେକ୍ସନରେ ୫ ବର୍ଷ ଓ ଯନ୍ତ୍ରୀ କ୍ଷୀତିଶ କୁମାର ପ୍ରଧାନ ୨୦୨୧ରୁ ଯାଜପୁର ସେକ୍ସନ-୨ରେ ୫ ବର୍ଷ ହେଲା କାମ କରୁଛନ୍ତି। ଯନ୍ତ୍ରୀ ଯୁମର କୁମାର ମଲ୍ଲିକ ୨୦୦୯ରୁ ୨୦୧୦ ରେ ଯାଜପୁର ଡିଭିଜନ, ୨୦୧୬ ରୁ ୨୦୧୮ କୁଆଖିଆ ସେକ୍ସନ ଏବଂ ୨୦୨୨ ରୁ ଆଜି ପର୍ଯ୍ୟନ୍ତ ବରୀ ସେକ୍ସନ-୨ରେ କାର୍ଯ୍ୟ କରି ଆସୁଛନ୍ତି।

ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାର୍ଷିକ ବିପୁଳ କୋଟି ଟଙ୍କାର ଶତାଧିକ ପ୍ରକଳ୍ପ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ସମ୍ପାଦିତ ହେଉଛି। ଏହାକୁ ଭିତ୍ତିକରି ନିର୍ବାଚିତ ପ୍ରତିନିଧିମାନେ ଯାଜପୁରକୁ ବିକଶିତ ଜିଲା ବୋଲି କହିଥାନ୍ତି। ହେଲେ ଆଜି ବି ଏକାଧିକ ବସତିକୁ ସଡ଼କ ସଂଯୋଗ ହୋଇ ପାରିନାହିଁ। ଗୋଟିଏ ସ୍ଥାନରେ ଦୀର୍ଘଦିନ ଧରି କାର୍ଯ୍ୟରତ ଅନେକ ଅଧିକାରୀ ଓ କର୍ମଚାରୀ ପୂର୍ବ ସରକାର ଅମଳରେ ଚାଲିଥିବା ଆଖିବୁଜା ଦୁର୍ନୀତିରେ ଅଂଶୀଦାର ସାଜିଥିଲେ ବୋଲି ଅଭିଯୋଗ ହୋଇଆସୁଛି। ରାଜ୍ୟରେ ନୂଆ ସରକାରଙ୍କ କାର୍ଯ୍ୟକାଳକୁ ୨ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଯାଜପୁର ଜିଲାର ବ୍ଲକରୁ ଜିଲାସ୍ତର ଯାଏ ୩ ବର୍ଷିଆ ବଦଳି ନୀତି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ପ୍ରଶାସନିକ ପ୍ରକ୍ରିୟାର ପୂର୍ବସ୍ଥିତି ଅପରିବର୍ତ୍ତିତ ରହିଛି । ତେଣୁ ଏବେ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇ ପଡ଼ିଛି ବୋଲି ଦାବି ହେଉଛି।

ଯନ୍ତ୍ରୀମାନଙ୍କ ଉପରୋକ୍ତ କାର୍ଯ୍ୟକାଳ ସଂକ୍ରାନ୍ତରେ ଯାଜପୁର ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ ୭।୪।୨୦୨୬ରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।

**ସାମାଜିକ କର୍ମୀଙ୍କ ପରିବାରକୁ ଆର୍ଥିକ ସହାୟତା**

ବାଲିକୁଦା,(ତାପସ ସ୍ୱାଇଁ) : ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତ ଶୋଭା ଗ୍ରାମର ସାମାଜିକ କର୍ମୀ ମାଗୁ ଚରଣ ପରିଡ଼ାଙ୍କ ଏକାଦଶାହରେ ଯୁବ ଯାଦବ ମହାସଭାର ପକ୍ଷରୁ ତାଙ୍କ ପରିବାରକୁ ୨୦ ହଜାର ୨୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ବାଲିକୁଦା ବ୍ଲକ ଯାଦବ ମହାସଭାର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ଯୁବ ଯାଦବ ମହାସଭା ସଭାପତି ଜିତେନ୍ଦ୍ର ବେହେରା, ସମ୍ପାଦକ ସାଗର କୁମାର ପରିଡ଼ା, ତପନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୭ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ପାରାଦୀପ,୧୪।୪(ଶରତ ରାଉତ)

ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ପାରାଦୀପ ଆଦର୍ଶଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ସିନେମାହଲ ଛକରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପ୍ରଦୀପ କୁମାର ମନ୍ତ୍ରୀ। ତାଙ୍କ ପାଖରୁ ୧୭ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୮୯/୨୬) ରୁଜୁ କରାଯାଇଛି।

### ୨ ବାଇକ ମୁହାଁମୁହିଁ ଧକ୍କା: ୩ ଆହତ

ବାଲିକୁଦା,୧୪।୪(ତାପସ ସ୍ୱାଇଁ)

ବାଲିକୁଦା ଥାନା ବ୍ରାହ୍ମଣ ଡିହି ଛକରେ ମଙ୍ଗଳବାର ଅପରାହ୍ନରେ ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ଜଣ ଆହାତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଯାଇଛି। କୁସୁପୁର ଗ୍ରାମର ତୋଫୀନ ସାହୁ ବୁଲେଟ ମଟର ସାଇକେଲରେ ନିଜ ଘରକୁ ଫେରୁଥିବା ବେଳେ ଅପରପଟରୁ ଏରସମା ଥାନା ରାମତରା ଗାଁର ରାଜେଶ ସ୍ୱାଇଁ ଘୋଷାଘରର ତୋଫୀନ ଦଲେଇ ନାମକ ଯୁବକ ମଟର ସାଇକେଲରେ ଯାଉଥିଲେ। ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ସଭିଏଁ ଆହତ ହୋଇଛନ୍ତି।

### ରାସ୍ତା ପାର୍ଶ୍ୱରେ ଖୋଲିଲା ଅଂଶୁଘାତ ଆଶୁଚିକିତ୍ସା କେନ୍ଦ୍ର

ରଘୁନାଥପୁର, ୧୪।୪(ରାଜେନ୍ଦ୍ର ନାରାୟଣ ସିଂହ)

ଆଗାମୀ ଦିନରେ ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଅଂଶୁଘାତ ସମସ୍ୟାର ଦୂରୀକରଣ ପାଇଁ କଲରାବାଙ୍କ କିମ୍ସ ରୁରାଲ ହସ୍ପିଟାଲ ତରଫରୁ କଟକ-ପାରାଦୀପ ରାଜ୍ୟ ରାଜପଥର କଣ୍ଟୁଆରଠାରେ ଡ.ଭାସତିକାନ୍ତ ସେନଗୁପ୍ତାଙ୍କ ତତ୍ତ୍ୱାବଧାନରେ ଏକ ଅଂଶୁଘାତଜନିତ ଆଶୁ ଚିକିତ୍ସାକେନ୍ଦ୍ର ଖୋଲାଯାଇଛି। ଓଡ଼ିଆ ନବବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଏହାକୁ କିଟ, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଛନ୍ତି। ଅଂଶୁଘାତଜନିତ ରୋଗୀ ମାନଙ୍କ ଚିକିତ୍ସା ପାଇଁ ଏଠାରେ ଅକ୍ସିଜେନ ସିଲିଣ୍ଡର ଠାରୁ ଆରମ୍ଭକରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ସମସ୍ତ ପ୍ରକାର ନିଃଶୁଳ୍କ ଚିକିତ୍ସା ସୁବିଧା ଆସନ୍ତା ଏକମାସ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ଡ. ସେନଗୁପ୍ତା ସୂଚନା ଦେଇଛନ୍ତି।

### ଜରାଶ୍ରମରେ ଓଡ଼ିଆ ନବବର୍ଷ ପାଳିତ

ନାଉଗାଁ,୧୪।୪(ସୁଧା ବେହୁରା)

ନାଉଗାଁ ବ୍ଲକଛକସ୍ଥିତ ଆଶ୍ରା ଜରାଶ୍ରମରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ କୈଳାସ ପରିଡା, ବିଚିତ୍ରାନନ୍ଦ ଲେଙ୍କା, ବଂଶୀଧର ବେହେରା, ଲଲାଟେନ୍ଦୁ ପରିଡା ପ୍ରମୁଖ ଯୋଗଦେଇ ଓଡ଼ିଆ ନବ ବର୍ଷ ଓ ମହାବିଷୁବ ସଂକ୍ରାନ୍ତି ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଜରାନିବାସରେ ଥିବା ଅନ୍ତେବାସୀଙ୍କୁ ପଣା ତିଆରି କରାଯାଇ ବଣ୍ଟନ କରାଯାଇଥିଲା।

### ୨ ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୁଜଙ୍ଗ, ୧୪।୪(ମନୋଜ ପ୍ରଧାନ)

କୁଜଙ୍ଗ ଓକିଲ ସଂଘ ପକ୍ଷରୁ ଅନ୍ୟତ୍ର ବଦଳି ହୋଇଥିବା ଦୁଇ ବିଚାରପତି ଯଥାକ୍ରମେ ବରିଷ୍ଠ ସିଭିଲ ଜଜ (ଅବକାଶ କାଳୀନ) ମିସ୍ ଶର୍ମିଷ୍ଠା ଶୁଭଦର୍ଶୀନି ମହାନ୍ତି ଓ କନିଷ୍ଠ ସିଭିଲ ଜଜ ଡକ୍ଟର ବିଶ୍ୱଭୂଷଣ ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଓକିଲ ସଂଘ ସଭା ଗୃହରେ କୁଜଙ୍ଗ ଓକିଲ ସଂଘ ସଭାପତି ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସିଭିଲ ଜଜ ଅବକାଶ ଚୌଧୁରୀ ଯୋଗଦେଇ ଉଭୟ ବିଚାରପତିଙ୍କ ନ୍ୟାୟପାଳିକା ପ୍ରତି ଦାୟିତ୍ୱବୋଧ ଓ ନିଷ୍ଠା ସବୁଦିନେ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଅମୃତ ଦାସ , ସୁଶାନ୍ତ ପଟ୍ଟନାୟକ, ବ୍ରଜ କିଶୋର ରାଉତ , ଦାମୋଦର ସ୍ୱାଇଁ , ନୃସିଂହ ପ୍ରଧାନ , ଦେବାଶିଷ କଣ୍ଡ, ପ୍ରମୁଖ ଯୋଗଦେଇ କୁଜଙ୍ଗ ବାର୍ ପ୍ରତି ବିଚାରପତିଙ୍କ ଯେଉଁ ସହଯୋଗ ଥିଲା ତାହା କେବେ ଭୁଲିହେବ ନାହିଁ ବୋଲି କହିଥିଲେ। ଉକ୍ତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ଆଇନଜିବୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଓକିଲ ସଂଘ ସମ୍ପାଦକ ରଞ୍ଜିତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟ ପାଠ୍ୟକ୍ରମରେ ଆଇନ ବ୍ୟବସ୍ଥା ରହୁ

ଜଗତ୍‌ସିଂହପୁର,୧୪।୪(ପ୍ରମୋଦ କୁମାର ନାୟକ)

**ଭାରତରତ୍ନ ବି. ଆର୍. ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ**



ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ଅବସରରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବାର ଆବଶ୍ୟକତା ରହିଛି। ବିଶେଷକରି ବିଦ୍ୟାଳୟ ପାଠ୍ୟକ୍ରମରେ ଆଇନ ବ୍ୟବସ୍ଥାର ବିଷୟବସ୍ତୁ ରହିବା ଉଚିତ। ମଙ୍ଗଳବାର ଜିଲା ପ୍ରଶାସନ ଆନୁକୂଲ୍ୟରେ ଭାରତରତ୍ନ ବି. ଆର୍. ଆମ୍ବେଡକରଙ୍କ ୧୩୬ତମ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏହା କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ଉତ୍ସବରେ ସେ କହିଥିଲେ, ପିଲାମାନେ ସଂଗ୍ରାମୀ ହେବା ଆବଶ୍ୟକ। ଆମ୍ବେଡକରଙ୍କ ଭଳି ଆମେ ଅଧିକାର ପାଇଁ ଲଢ଼ିପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ବିଧାୟକ ଦାସ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ପୌରୋହିତ୍ୟ କରି ଆମ୍ବେଦକରଙ୍କୁ ଜଣେ ଦାର୍ଶନିକ ଓ ସମାଜ ସଂସ୍କାରକ ଭାବେ ଅଭିହିତ କରିଥିଲେ। ମୁଖ୍ୟଅତିଥି ଏମ୍‌ପି ବିଭୁ ତରାଇ ଦେଶ ପାଇଁ ଆମ୍ବେଡକରଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ ଭୋଇ ଓ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇଆମ୍ବେଡକରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହ ସମ୍ବିଧାନକୁ ସମ୍ମାନ ଦେଇ ରାଷ୍ଟ୍ର ପ୍ରଗତିରେ ଯୁବପିଢ଼ି ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଡିଆଇପିଆର୍‌ଓ ପ୍ରତିଚୀ ତନୟା ମହାନ୍ତି ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଆ ବକ୍ତୃତା ପ୍ରତିଯୋଗିତା (୬ଷ୍ଠରୁ ୮ମ)ରେ ଖେରସସ୍ଥିତ ମା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଅନିନ୍ଦିତା ସାହୁ ପ୍ରଥମ, ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସାଇସ୍ତା ଅମନ ୨ୟ, ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଦିବ୍ୟାଂଶୀ ନାୟକ ଓ ଡ୍ରିମ ଇଣ୍ଡିଆ ସ୍କୁଲ ଛାତ୍ରୀ ବୈଷ୍ଣବୀ ଦାସ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଚ୍ଚ ବିଦ୍ୟାଳୟସ୍ତରରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆୟେଶା ପରଭିନ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତୀକ୍ଷା ମୁଦୁଲି ଦ୍ୱିତୀୟ, ପବ୍ଲିକ ସ୍କୁଲର ସାଇ ଶୁଭମ ପାଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦେଶାତ୍ମବୋଧକ ସଙ୍ଗୀତରେ (୬ଷ୍ଠରୁ ୮ମ) ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସୁଶ୍ରୀ ଶ୍ରାବଣୀ ସାହୁ ପ୍ରଥମ, ପ୍ରତିଷ୍ଠା ସାହୁ ଦ୍ୱିତୀୟ ଓ ପୁରୋହିତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଲିପ୍ସା ପ୍ରିୟଦର୍ଶିନୀ ଭୋଇ ତୃତୀୟ ହୋଇଛନ୍ତି। ଉଚ୍ଚ ବିଦ୍ୟାଳୟସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଦିବ୍ୟାଶା ମିଶ୍ର ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରୋହିଣୀ ମହାନ୍ତି ଦ୍ୱିତୀୟ, ପବ୍ଲିକ ସ୍କୁଲର ଆର୍ଯ୍ୟା କୁମାରୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ରରେ କଳା, ଗୋବର



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଭାଜପା ନେତା ଓ କର୍ମୀ।

ପାରାଦୀପ,୧୪।୪(ଶରତ ରାଉତ)

**ଭାଜପା ପକ୍ଷରୁ ଥାନାରେ ଅଭିଯୋଗ**

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ନୁଆବଜାର ମୁକ୍ତେଶ୍ୱର ମନ୍ଦିର ଛକରେ ଥିବା ଏକ ସରକାରୀ ହୋର୍ଡିଂରେ ସୋମବାର ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଫଟୋ ଚିତ୍ରରେ କଳା ରଙ୍ଗ ଓ ଗୋବର ବୋଳଯାଇଛି। ମଙ୍ଗଳବାର ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ସେଠାରେ ଭାଜପା ଲୋକେ ପହଞ୍ଚି ବିରୋଧ କରିଥିଲେ। ଏଥିସହ ପାରାଦୀପ ଆଦର୍ଶଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦଳର ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନ ଉକ୍ତ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ସରକାରୀ ହୋର୍ଡିଂରେ ଏପରି କାର୍ଯ୍ୟ କରିବା ପଛରେ ସ୍ଥାନୀୟ ୧୭ ନଂ. ୱାର୍ଡ କାଉନସିଲର ତଥା ବିଜେଡି କର୍ମୀ ମନୋଜ କୁମାର ନାୟକଙ୍କ ଭୂମିକା ରହିଥାଇପାରେ। କାରଣ ବିଗତ ଦିନରେ ସମ୍ପୃକ୍ତ କାଉନ୍ ଅନେକ ଥର ସରକାରୀ କାମକୁ ବିରୋଧ କରିବା ଭଳି ଘଟଣା ଏକାଧିକ ବାର କରିଛନ୍ତି। ଏନେଇ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୯୦/୨୬) ରୁଜୁ କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାକୁ ଗିରଫ କରି ନଥିଲା। ଏ ସମ୍ପର୍କରେ କାଉନ୍‌ସିଲର ମନୋଜଙ୍କୁ ପଚାରିଲେ କୁହନ୍ତି ଏହା ସମ୍ପୂର୍ଣ୍ଣ ମିଛ କଥା। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କୌଣସି ଦଳର ନୁହନ୍ତି। ଏହି ଘଟଣାକୁ ସେ ନିନ୍ଦା କରିଥିଲେ। ଘଟଣା ସମ୍ପର୍କରେ ଥାନାଧିକାରିଣୀ ବବିତା ଦେହୁରୀଙ୍କୁ ପଚାରିଲେ କୁହନ୍ତି, ଏହା ଉପରେ ତଦନ୍ତ ଚାଲିଛି।

# ମହାବିଷୁବ ସଂକ୍ରାନ୍ତିରେ ଗୋରେଖନାଥ ପୀଠ ଚଳଚଞ୍ଚଳ



ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଗୋରେଖନାଥ ପୀଠରେ ଭକ୍ତଙ୍କ ଭିଡ଼।

ରଘୁନାଥପୁର,୧୪।୪
(ରାଜେନ୍ଦ୍ର ନାରାୟଣ ସିଂହ)

ଓଡ଼ିଆ ନବବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ହଜାର ଶ୍ରଦ୍ଧାଳୁ ପୀଠରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ କରିଥିଲେ। ବଡି ଭୋରୁ ପ୍ରଭୁଙ୍କ ଚିତାଲାଗି କାର୍ଯ୍ୟ ସମାପନ ପରେ ମଙ୍ଗଳାରତି ଅନୁଷ୍ଠିତ ହୋଇଥିଲା। ଏହାପରେ ପୀଠ ତିନିଦ୍ୱାର ଦେଇ ଭିତରକୁ ଭକ୍ତଙ୍କ ଆଗମନ ହୋଇଥିଲା। ଘଣ୍ଟଘଣ୍ଟା ଓ ଭଜନ କୀର୍ତ୍ତନରେ ପୀଠ ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ପ୍ରବଳ ଗ୍ରୀଷ୍ମ ସତ୍ତ୍ୱେ ମଧ୍ୟାହ୍ନ ସମୟରେ ଭକ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ସେହିପରି ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ, ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରା,ବିରିଡି ଅତିରିକ୍ତ ତହସିଲଦାର ତନୁଶ୍ରୀ ବେହେରା ଓ ଜଗତସିଂହପୁର ଅତିରିକ୍ତ ତହସିଲଦାର ସ୍ମୃତିରଞ୍ଜନ ରାଉତ ପ୍ରମୁଖ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ।

### ୪ ବର୍ଷ ଶିଶୁ କନ୍ୟାକୁ ବଳାତ୍କାର: ବାଳାକାଶ ସେଲ୍ ଗଲେ ନାବାଳକ

ବାଲିକୁଦା ୧୪।୪(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ୪ବର୍ଷର ଶିଶୁ କନ୍ୟାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଉକ୍ତ ଅଞ୍ଚଳର ୧୬ ବର୍ଷୀୟ ନାବଳକଙ୍କୁ ସୋମବାର ରାଉରକେଲାସ୍ଥିତ ବାଳାକାଶ ସେଲ୍‌କୁ ପଠାଇ ଦିଆଯାଇଛି। ଗତ ୧୦ ତାରିଖରେ ଅଭିଯୁକ୍ତ ଚକୋଲେଟ ଲୋଭ ଦେଖାଇ ଶିଶୁ କନ୍ୟାକୁ ଏକ ନିକାଞ୍ଚନ ଜାଗାକୁ ଡାକି ନେଇ ବଳାତ୍କାର କରିଥିଲେ। ପରେ ଶିଶୁ କନ୍ୟାଟି କାନ୍ଦିକାନ୍ଦି ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇଥିଲା। ଏହାପରେ ପରିବାର ଲୋକେ ନିକଟସ୍ଥ ପାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ପ୍ରଶାନ୍ତ ବେହେରା ଓ ବାଲିକୁଦା ଥାନା ଆଇଆଇସି କାବୁଲି ବାରିକ ଏହି ଘଟଣାକୁ ଗୁରୁତର ସହ ନେଇ ଥାନାରେ ମାମଲା (ନଂ.୧୪୬/୨୬) ରୁଜୁ କରିବା ସହ ଅଭିଯୁକ୍ତ ନାବାଳକଙ୍କୁ ଜଙ୍ଗଲରୁ ଧରିଥିଲେ। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ସୁରକ୍ଷା ସଂସ୍କୃତିକୁ ପ୍ରାଥମିକ ଦେବା କର୍ତ୍ତବ୍ୟ

ପାରାଦୀପ,୧୪।୪(ଶରତ ରାଉତ)

**ଜାତୀୟ ଅଗ୍ନିଶମ ସେବା ସପ୍ତାହ ଆରମ୍ଭ**

ପାରାଦୀପ ବନ୍ଦର ସିଆଇଏସ୍‌ଏଫ ଅଗ୍ନିଶମ ବିଭାଗ ପକ୍ଷରୁ ମଙ୍ଗଳବାର ଜାତୀୟ ଅଗ୍ନିଶମ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଟି.ଭେନୁଗୋପାଳ, ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ସନତ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ନିରାପଦ ସ୍କୁଲ, ନିରାପଦ ହସ୍ପିଟାଲ, ଅଗ୍ନି ନିରାପତ୍ତା ସଚେତନତା ସମାଜ ଓ ଅଗ୍ନି ନିବାରଣ ପାଇଁ ଏକାଠି ହେବା ଚଳିତ ବର୍ଷର ଅଗ୍ନିଶମ ବାର୍ତ୍ତା ରହିଛି । ଏହାକୁ ଅଧ୍ୟକ୍ଷ ହାରାନ୍ଧ ପାଠ କରିବା ସହ ବନ୍ଦର ସହର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ବନ୍ଦର ପ୍ରଶାସନ ପକ୍ଷରୁ ଶୂନ୍ୟ ଦୁର୍ଘଟଣା ଉପରେ ପଦକ୍ଷେପ ନିଆଯାଉଛି। ସମସ୍ତ କର୍ମଚାରୀ ଶ୍ରମିକ ପରିବାର ଗୃହିଣୀ ଠାରୁ ଆରମ୍ଭ କରି ବ୍ୟବସାୟ ପ୍ରତିଷ୍ଠାନ ପ୍ରମୁଖ ଅଗ୍ନି ସୁରକ୍ଷା ପ୍ରତି ଧ୍ୟାନ ଦେବା ଜରୁରୀ। ଏଥିସହ ସୁରକ୍ଷା ସଂସ୍କୃତିକୁ ପାଳନ କରିବା ଉଚିତ୍ ବୋଲି ସେ କହିଥିଲେ।

# ଉତ୍ତରେଶ୍ୱରୀ, ଚଟୁଆରେ ଝାମୁ ଯାତ୍ରା

ଏରସମା/କୁଜଙ୍ଗ, ୧୪।୪
(ଦୀପ୍ତି ଖଣ୍ଡୁଆଳ/ମନୋଜ ପ୍ରଧାନ)



କୁଜଙ୍ଗରେ ଝାମୁଯାତ୍ରା ଦେଖିବାକୁ ଲୋକଙ୍କ ଭିଡ଼।

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରେଶ୍ୱରୀ ପୀଠରେ ଝାମୁ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସିହା ଗ୍ରାମ୍ୟ କମିଟି ସଭାପତି ଆଶିଷ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପାରମ୍ପରିକ ଉତ୍ସବରେ ମା'ଙ୍କ ନୀତିକାନ୍ତି ଶେଷ ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଦ୍ୱାର ଖୋଲାଯାଇଥିଲା। ଏରସମା ବ୍ଲକ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ସଭାପତି ଶିବ ସୁନ୍ଦର ସ୍ୱାଇଁ, ଦୈତାରୀ ଦାସ, ମୃଦଙ୍ଗ ବାଦକ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ହୋଇ ସଂକୀର୍ତନ କରିଥିଲେ।

ସେହିପରି କୁଜଙ୍ଗ ଥାନା ତଥା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆସ୍ଥିତ ମା' ତାରିଣୀଙ୍କ ପୀଠରେ ଓଡ଼ିଆ ନବବର୍ଷ ଓ ପବିତ୍ର ପଣା ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ନିତି ନିୟମ ଅନୁସାରେ ମଙ୍ଗଳବାର ସକାଳେ ମା'ଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ,୧୦୮ ନଡ଼ିଆ ଭଙ୍ଗାଯାଇ ପଣା ଭୋଗ କରାଯାଇଥିଲା। ଏହି ଅବସରରେ ମା' ତାରିଣୀ ଟ୍ରଷ୍ଟ ପକ୍ଷରୁ ବୃଦ୍ଧା ଓ ବୃଦ୍ଧମାନଙ୍କୁ ନୂତନ ବସ୍ତ୍ର ଦିଆଯାଇଥିଲା। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଓ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଉତ୍ସବରେ ଯୋଗଦେଇଥିଲେ। ଅପରାହ୍ନରେ ଝାମୁଯାତ୍ରା ହୋଇଥିଲା। ଏହା ଦେଖିବାକୁ ବହୁ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନ ୩ ଟାରେ ମା' ତାରିଣୀଙ୍କ ଲଡୁ ଭୋଗ ନିଲାମ କରାଯାଇଥିଲା। ଚଟୁଆ ବିଶ୍ୱନାଥଙ୍କ ମହନ୍ତ ତପନ କୁମାର ଦାଶ ପାଞ୍ଚ ହଜାର ଟଙ୍କାରେ ମା'ଙ୍କ ଲଡୁଭୋଗ କିଣିଥିଲେ। ସନ୍ଧ୍ୟାରେ ବାଦି ପାଲା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଲୋକନାଥ ରାଉତ, ରମେଶ ମଲ୍ଲ, ସୌଭାଗ୍ୟ ମହାପାତ୍ର ଓ ସନ୍ତୋଷ ବରାଳଙ୍କ ସମେତ ଗ୍ରାମବାସୀ ଉତ୍ସବ ପରିଚାଳନା ସହଯୋଗ କରିଥିଲେ।

### ନାଉଗାଁ ବ୍ଲକ କଂଗ୍ରେସ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ

ନାଉଗାଁ,୧୪।୪(ସୁଧା ବେହୁରା)

ନାଉଗାଁ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲା ସଭାପତି ଦେବପ୍ରସାଦ ନାୟକଙ୍କ ଆହ୍ୱାନରେ ନାଉଗାଁ ବଜାର ଓ ଗଙ୍ଗଦାହାଟରେ ଭାରତରତ୍ନ ଡ. ବାବାସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ବ୍ଲକ କଂଗ୍ରେସ କମିଟି ସଭାପତି ବିଚିତ୍ରାନନ୍ଦ ଲେଙ୍କାଙ୍କ ସଭାପତିତ୍ୱରେ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟିର ସମ୍ପାଦକ ପ୍ରହ୍ଲାଦ ବିଶ୍ୱାଳ, ମନୋଜ କୁମାର ଦାଶ, ବିଜୟ କୁମାର ବେହେରା, ରମେଶ ଚନ୍ଦ୍ର ମୁଦୁଲି ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ସମ୍ବିଧାନ ପ୍ରଣେତାଙ୍କୁ ସମ୍ମାନ



ପାରାଦୀପ ବନ୍ଦର ପକ୍ଷରୁ ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଉଛି।

ପାରାଦୀପ, ୧୪।୪(ଶରତ ରାଉତ)

ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାରାଦୀପ ବନ୍ଦର ପକ୍ଷରୁ ମଙ୍ଗଳବାର ପାଳନ କରାଯାଇଛି। ସ୍ଥାନୀୟ ମଧୁବନସ୍ଥିତ ଆମ୍ବେଡକର ପ୍ରତିମୂର୍ତ୍ତି ସ୍ଥଳରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍ .ହାରାନ୍ଧ, ଉପାଧ୍ୟକ୍ଷ ଟି ଭେନୁଗୋପାଳ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଓ ଅନ୍ୟ ବିଭାଗୀୟ ମୁଖ୍ୟ ଏସ୍‌ଟିଏସ୍‌ସି କଲ୍ୟାଣ ସଂଘ ସମ୍ପାଦକ ଧ୍ରୁବଚନ୍ଦ୍ର ତରାଇ ଗଙ୍ଗାଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ସମ୍ମାନ ଜଣାଇବା ସହ ଆମ୍ବେଡକରଙ୍କ ନ୍ୟାୟ ସମାନତା ଉପରେ ଆଲୋଚନା କରିଥିଲେ।

ସେହିପରି ଭୀମ ସଂଗଠନ ପକ୍ଷରୁ ଅଲଗା ଭାବେ କୁଜଙ୍ଗ ଠାରୁ ପାରାଦୀପ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଶତାଧିକ ଲୋକ ସାମିଲ ହୋଇଥିଲେ। ମଧୁବନ ପ୍ରତିମୂର୍ତ୍ତି ସ୍ଥଳରେ ସମ୍ମାନ ଜଣାଇଥିଲେ। ଏହି ଅବସରରେ ଦିଲୀପ କୁମାର ବେହେରା, ପାରାଉ ଗୁଡ୍ଡୁ, ପରେଶ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦର ଆନ୍ତଃ ବିଭାଗ କ୍ରିକେଟ୍ | ଇଞ୍ଜିନିୟରିଂ ବିଭାଗ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ପାରାଦୀପ ୧୪।୪(ଶରତ ରାଉତ)

ପାରାଦୀପ ବନ୍ଦର ଅଧିକାରୀ ଓ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟକୁ ଭଲ ରଖିବା ତଥା ସେମାନଙ୍କ ମଧ୍ୟରେ ଭାଇଚାରା ବନାଇ ରଖିବା ଉଦ୍ଦେଶ୍ୟରେ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଶେଷ ହୋଇଛି। ଏହି ଷଷ୍ଠ ଆନ୍ତଃ ବିଭାଗ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଇଞ୍ଜିନିୟରିଂ ବିଭାଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ୍ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଇଞ୍ଜିନିୟରିଂ ବିଭାଗ ତରଫରୁ ଅଜୟ ବେହେରା ସର୍ବାଧିକ ୩୪ ରନ କରିଥିଲେ ଓ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ବିଭାଗ ତରଫରୁ ପି.କେ ଦଳାଇ ୪ ଉଇକେଟ୍ ନେଇଥିଲେ। ଜବାବ୍‌ରେ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ବିଭାଗ ୯ ଉଇକେଟ୍ ହରାଇ ୯୩ ରନ କରି ୧୯ରନରେ ପରାସ୍ତ ହୋଇଥିଲା। ଇଞ୍ଜିନିୟରିଂ ବିଭାଗ ତରଫରୁ ପ୍ରମୋଦ ନାୟକ ଓ ପରେଶ ଜେନା ପ୍ରତ୍ୟେକ ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଇଞ୍ଜିନିୟରିଂ ବିଭାଗ ଏ ବର୍ଷ ଚାମ୍ପିୟନ ହୋଇଥିବାବେଳେ ବିଦ୍ୟୁତ୍ ଏବଂ ଯାନ୍ତ୍ରିକ ବିଭାଗ ରନର୍‌ଅପ ହୋଇଛି।

# ସଂସ୍କୃତି, ପରମ୍ପରା ଆମ ଓଡ଼ିଆ ଜାତିର ପରିଚୟ

ରଘୁନାଥପୁର,୧୪।୪(ରାଜେନ୍ଦ୍ର ନାରାୟଣ ସିଂହ)



ଅତିଥିଙ୍କୁ ସମ୍ମାନିତ କରାଯାଉଛି।

- ଆଗାମୀ ଓଡିଶା ପକ୍ଷରୁ ଓଡ଼ିଆ ନବବର୍ଷ ଓ ବିଷୁବ ମିଳନ ସମାରୋହ
- ସିବିକେ ମହାନ୍ତିଙ୍କୁ ଶ୍ରେଷ୍ଠ ଓଡ଼ିଆ,ଭାଗୀରଥି ଦାସ ଓ ପ୍ରଭାକର ସ୍ୱାଇଁଙ୍କୁ ବିଷୁବ ସମ୍ମାନ

ଜାତୀୟ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡ଼ିଶା ପକ୍ଷରୁ ରଘୁନାଥପୁର ନିକଟସ୍ଥ କଲରାବାଙ୍କ ନୀଳିମାରାଣୀ ସଭା କକ୍ଷରେ ରାଜ୍ୟସ୍ତରୀୟ ଓଡ଼ିଆ ନବବର୍ଷ ପାଳନ ଓ ବିଷୁବ ମିଳନ ଉତ୍ସବ ମପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଆଗାମୀ ଓଡ଼ିଶାର ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଆମ ମାଟିର ବାସ୍ନାରେ ଭରି ରହିଛି ଜାତିର ପରିଚୟ, ଆଉ ସଂସ୍କୃତି ପରମ୍ପରାରେ ସାହିତ୍ୟର ସୃଷ୍ଟି ବୋଲି ପ୍ରକାଶ କରିଥିଲେ। ଏହି ସାରସ୍ୱତ ଆସରକୁ ଡ. ସିବିକେ ମହାନ୍ତି ଉଦ୍‌ଘାଟନ କରିଥିଲେ। ଭାଷା ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଆମର ଆଗାମୀ ପିଢ଼ି ଯତ୍ନବାନ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ସେହିପରି ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ.ପ୍ରଭାକର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଷୁବ ମିଳନ ଏବଂ ଓଡ଼ିଆ ନବବର୍ଷର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ସଂସ୍କୃତି ଓ ପରମ୍ପରା ଆମ ଜାତିର ପରିଚୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ବିଶିଷ୍ଟ ଔପନ୍ୟାସିକ ଭାଗିରଥି ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିଲେ ଓଡିଆ ଜାତି ଦୀର୍ଘଜୀବୀ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ନୀଳିମାରାଣୀ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାମନ୍ତ, କିମ୍ସ ଡାଇରେକ୍ଟର ଜେନେରାଲ ଡ. ଅଜିତ କୁମାର ମହାନ୍ତି, ବିଶ୍ୱ ଓଡ଼ିଆ ମହାସଂଘର ସଭାପତି ଡ. ସୁରେନ୍ଦ୍ରନାଥ ମହାପାତ୍ର, ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ,ପ୍ରଫେସର ଶରତ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ.ମହାନ୍ତିଙ୍କୁ ବିଶ୍ୱର ଶ୍ରେଷ୍ଠ ଓଡ଼ିଆ , ଇଂ.ସ୍ୱାଇଁ ଏବଂ ଔପନ୍ୟାସିକ ଦାସଙ୍କୁ ବିଷୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଗାମୀ ଓଡ଼ିଶା ସମ୍ପାଦକ ଦେବେନ୍ଦ୍ରନାଥ ବାରିକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଏବଂ କଲରାବାଙ୍କ ହାଇସ୍କୁଲ ପ୍ରଧାନଶିକ୍ଷକ ଜଗେନ୍ଦ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ନବବର୍ଷ ଓଡ଼ିଆମାନେ ଜାଣିପାରୁ ନାହାନ୍ତି

ନୟାଗଡ଼,୧୪।୪(ଲୋକନାଥ ମିଶ୍ର): ଆଧୁନିକତାର ସ୍ପର୍ଶରେ ବିଷୁବର ମହାନ ପରମ୍ପରା ନିଷ୍ପ୍ରଭ ହୋଇଯାଉଛି। ଆଧ୍ୟାତ୍ମିକ ଚେତନା ହଜି ଚାଲିଛି। ଓଡ଼ିଆ ହୋଇ ଓଡ଼ିଆ ସଂସ୍କୃତିକୁ କେହି ସ୍ମରଣ କରୁନାହାନ୍ତି। ଫଳରେ ଓଡ଼ିଆ ନବବର୍ଷ କହିଲେ ଓଡ଼ିଆମାନଙ୍କୁ ଏହାରମାନେ ବୁଝିବା କାଠିକର ପାଠ ହୋଇ ପଡୁଛି । ହେଲେ ନୂଆ ବର୍ଷ କହିଲେ ଜାନୁଆରୀ ୧ ତାରିଖ କାହାକୁ ଅବୁଝା ରୁହେ ନାହିଁ । ଏଣୁ ଓଡ଼ିଆ ନବବର୍ଷ ବଦଳରେ ଇଂରାଜୀ ନବବର୍ଷ ଜିଲାସାରା ଧୂମଧାମରେ ପାଳନ ହେଉଛି। ଇଂରାଜୀ ନବବର୍ଷ ପାଳନ ପାଇଁ ମନରେ ଯେତିକି ଉତ୍ସାହ ଉଦ୍ଦୀପନ ପ୍ରକାଶ ପାଏ ତାହା ଓଡ଼ିଆ ନବବର୍ଷରେ ଦେଖିବା ବିରଳ । ଫଳସ୍ୱରୁପ ଏ ମହାନ ସଂସ୍କୃତି ଜନମାନସରୁ ଲିଭିଯିବା ପାଇଁ ବସିଛି । ଯାହାକି ଆମ ଭାଷା, ସଂସ୍କୃତି ଓ ପରମ୍ପରା ପ୍ରତି ଉପହାସ ପାଲଟିଛି। ହେଲେ ଭଗବତ ବିଶ୍ୱାଶକୁ ଆଧୁନିକତା ସ୍ପର୍ଶ କରିପାରି ନାହିଁ । ଏଣୁ ମହାବିଷୁବ ସଂକ୍ରାନ୍ତିରୁ ଆରମ୍ଭ ହୋଇଥିବା ଓଡ଼ିଆ ନୂଆବର୍ଷ ପାଇଁ ନୟାଗଡ଼ ଜିଲା ଚଳଚଞ୍ଚଳ ହୋଇ ଉଠିଥିଲା। ପୂଜାପାଠ, ପ୍ରସାଦସେବନ, ପଣାପିଆ ଓ କବିତା ପାଠ ମାଧ୍ୟମରେ ଜିଲାବାସୀ ସ୍ୱାଗତ କରିଥିଲେ ନୂଆବର୍ଷକୁ। ହନୁମାନ ଜୟନ୍ତୀ, ସଂକ୍ରାନ୍ତି ସହ ନୂଆବର୍ଷ ଆସିଥିବାରୁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ପବିତ୍ର ସଂକ୍ରାନ୍ତିରେ ହନୁମାନଙ୍କ ଜନ୍ମ ହୋଇଥିବାରୁ ପୂର୍ବାହ୍ନରୁ ୫ ସହର ସମେତ ଜିଲାର ୮ଟି ବ୍ଲକ ଅଞ୍ଚଳରେ ରହିଥିବା ହନୁମାନ ମନ୍ଦିର ଓ ରାମ ମନ୍ଦିରରେ ଭିଡ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଯାଇ ହନୁମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ମନ୍ଦିରରେ ପ୍ରସାଦସେବନର ବ୍ୟବସ୍ଥା ମଧ୍ୟ ହୋଇଥିଲା। ଆଜିର ଦିନରେ ପଣା ପିଇବାର ବିଧି ରହିଥିବାରୁ ପଣା ପିଇବାର ମଜା ଜିଲାବାସୀ ଉଠାଇଥିଲେ। ଏଥି ସହିତ ଜିଲାର ବିଭିନ୍ନ ତାରିଣୀ ମଧ୍ୟରେ ମଧ୍ୟ ହୋଇଥିଲା ସ୍ୱତନ୍ତ୍ର ଆୟୋଜନ। ତାରିଣୀ

**ବିଷୁବର ମହାନ୍ ପରମ୍ପରା ନିଷ୍ପ୍ରଭ**

ମନ୍ଦିରରେ ମାଙ୍କ ସଂକ୍ରାନ୍ତି ପୂଜା ପାଇଁ ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ଥିଲେ। ଓଡ଼ିଆ ନୂଆ ବର୍ଷ ପାଇଁ ବିଭିନ୍ନ ସଂସ୍ଥା ଓ ସଙ୍ଗଠନ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କେତେକ ଅନୁଷ୍ଠାନ ବନ୍ଧୁମିଳନ ଓ କବିତା ଆସରର ଆୟୋଜନ କରି ନୂଆ ବର୍ଷକୁ ସ୍ୱାଗତ କରିଥିଲେ। ଅପରପକ୍ଷେ ଭାରତୀୟ ପରମ୍ପରାରେ ମହା ବିଷୁବ ସଂକ୍ରାନ୍ତି ଏକ ପବିତ୍ର ଦିବସ। ସୌରବର୍ଷ ଜନଗଣନାରେ ଆମଦେଶରେ ଏହି ସଂକ୍ରାନ୍ତିଠାରୁ ନୂତନ ବର୍ଷ ଅୟମାରମ୍ଭ ହୁଏ । ତଦନୁସାରେ ନୂତନ ପଞ୍ଜିକା ପ୍ରଚଳନ ହୁଏ । ସେହିପରି ନୂତନ ବର୍ଷର ଗ୍ରହ ନକ୍ଷତ୍ରମାନଙ୍କର ସ୍ଥିତି ଓ ଚଳନ ସହିତ ଶୁଭଦିନ ଓ ପୂର୍ଣ୍ୟପର୍ବର ନିର୍ଘଣ୍ଟ ସ୍ଥିରିକୃତ ହୁଏ। ନୂତନ ବର୍ଷର ପ୍ରଥମ ଦିବସଭାବେ ମେଷ ସଂକ୍ରାନ୍ତି ଏକ ପବିତ୍ର ଦିବସ । ଏଣୁ ନୂତନ ବର୍ଷର ଶୁଭକାମନା କରି ଲୋକମାନେ ଦେବାଦେବୀଙ୍କର ଉପାସନ କରିଥାନ୍ତି । ଏହି ପବିତ୍ର ଦିବସରେ ତୁଳସୀ ବୃକ୍ଷର ପୂଜା ନିଆରା । ତୁଳସୀ ବୃକ୍ଷ ଦେବୀ ବୃନ୍ଦାବତୀଙ୍କର ସାକ୍ଷାତ ଅବତାର । ସ୍ୱୟଂ ନାରାୟଣ ତୁଳସୀ ପତ୍ରରେ ଓ ସକଳ ଦେବାଦେବୀ ଏହାର ମୂଳରେ ଅବସ୍ଥାନ କରୁଥିବା ପୁରାଣରୁ ଜଣାପଡେ। ତେଣୁ ପ୍ରତ୍ୟହ ସ୍ନାନ ପରେ ତୁଳସୀ ବୃକ୍ଷ ମୂଳରେ ଜଳଦାନ କରି ପୂଜା ଉପାସନା କରିବା କାହିଁ କେଉଁ କାଳରୁ ହିନ୍ଦୁଧର୍ମରେ ପ୍ରଚଳିତ। ମେଷ ଅଥବା ପଣା ସଂକ୍ରାନ୍ତିରେ ତୁଳସୀ ଗଛର ବିଶେଷ ପୂଜାର୍ଚ୍ଚନା କରାଯାଏ। ଏହି ଦିବସରେ ଗୃହସ୍ଥମାନେ ତୁଳସୀ ଚଉରା ଉପରେ ଜାମୁଗଛର ଡାଳ ପକାଇ ଛାମୁଣ୍ଡିଆ କରନ୍ତି । ତେବେ ଜାମୁଡାଳ ଏବେ ନ ମିଳିବାରୁ କିଛି ସ୍ଥାନରେ କେବଳ ଛାମୁଣ୍ଡିଆ କେବଳ କରାଯାଉଛି । ଏହି ଛାମୁଣ୍ଡିଆରେ ଏକ ଶିକାରେ ଘଡିଟିଏ ଓହଳାଇ ଦିଆଯାଏ। ସେହି ଘଡିରେ ସରୁ ରନ୍ଧ୍ରର ଏକ କଣା କରାଯାଏ । ଘଡିର କଣାରେ କୁଶ ଦଆଯାଏ। ସେହି କୁଶାଗ୍ରେ ଦେଇ ଦିନ ତମାମ ପାଣି ଟୋପାଏ ଟୋପାଏ ତୁଳସୀ ଗଛ ଉପରେ ପଡିବା ପାଇଁ ଘଡିରେ ପାଣିପଣା ଭର୍ତ୍ତି କରି ରଖାଯାଏ । ଏହାକୁ ବସୁନ୍ଧରା ଘଡି ପୂଜା ପର୍ବ ପାଳନ କୁହାଯାଏ। ଏହି କାର୍ଯ୍ୟ ପରିବାରର ଲୋକଙ୍କ ପାଇଁ ମଙ୍ଗଳମୟ ହୋଇଥାଏ ବୋଲି ଲୋକକଥା ରହିଛି । ସ୍ମୃତି ଚାରଣ ବେଳାରେ ରହିଯାଉଛି ସେହି ପୁରୁଣା ବର୍ଷ ସମୂହ । ସବୁ ବର୍ଷ ପରି ମନର ଦରଜା ଡେଇଁ ବିଦାୟ ନେଇଯାଇଛି ଶକାବ୍ଦଃ ୧୯୪୭। ଶକାବ୍ଦଃ ୧୯୪୮ ନୂଆ ବରଷର ନୂଆ ଦିବସ ପଦାର୍ପଣ କରିଛି । ଏନେଇ ଶିକ୍ଷାବିତ୍ ପ୍ରିୟମ୍ବଦା ତ୍ରିପାଠୀ କୁହନ୍ତି, ଇଂରାଜି ନବବର୍ଷ ପରି ଓଡ଼ିଆ ନବବର୍ଷ ପାଳନ ହୁଏ ନାହିଁ। ଆଧୁନିକତାକୁ ଆପଣେଇ ଓଡିଆ ମନେ ନିଜ ନବବର୍ଷକୁ ଭୁଲି ଯାଉଛନ୍ତି। ତେବେ ଓଡ଼ିଆ ନବବର୍ଷର ପରମ୍ପରା ଏଯାବତ ବି ଚାଲୁ ରହିଛି ବୋଲି କହିଛନ୍ତି।

## ଏକାଠି ବସି ଖାଇବା ଭାଇଚାରା ସୃଷ୍ଟି କରେ



ସାଂସ୍କୃତିକ ମଣ୍ଡପର ଉଦ୍‌ଘାଟନ କରାଯାଉଛି ।

**■ ସାଂସ୍କୃତିକ ମଣ୍ଡପ ଉଦ୍‌ଘାଟନ କଲେ ଏମ୍‌ପି**
**■ ଆମ୍ବେଡ଼କରଙ୍କ ଜୟନ୍ତୀ**

ନୂଆଗାଁ, ୧୪।୪ (ଧନେଶ୍ୱର ସାହୁ): ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଦର ପଞ୍ଚାୟତ ମୁଦୁରାଙ୍ଗ ଗ୍ରାମରେ ମଙ୍ଗଳବାର ଡ. ବାବା ସାହେବ ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ଓ ସମରସତା ଦିବସ ପାଳନ ହେବା ସହ ସାଂସ୍କୃତିକ ମଣ୍ଡପର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଓଡିଆ ନବ ବର୍ଷ ତଥା ପଣା ସଂକ୍ରାନ୍ତି ଅବସରରେ ନୂଆଗାଁ ପଞ୍ଚାୟତ ମୁଦୁରାଙ୍ଗ ଗ୍ରାମବାସୀଙ୍କ ପକ୍ଷରୁ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ଆତିଥ୍ୟତା ପ୍ରଦାନ କରାଯାଇଛି । ଗ୍ରାମବାସୀ ଏକତ୍ରିତ ହୋଇ ଗ୍ରାମ ଭିତରକୁ ପାଛୋଟି ନେଇଥିଲେ । ମୁଦୁରାଙ୍ଗ ଗ୍ରାମ ଦେବତୀଙ୍କ ଦର୍ଶନ କରିବା ପରେ ପଣା ସଂକ୍ରାନ୍ତି ପାଳନ ଉପଲକ୍ଷେ ଗ୍ରାମରେ ଆୟୋଜିତ ସଂକୀର୍ତ୍ତନ ମଣ୍ଡଳୀରେ ଏମ୍‌ପି ପାଣିଗ୍ରାହୀ ବସି ନାମ ସଂକୀର୍ତ୍ତନ କରିଥିଲେ । ଆଦିବାସୀ , ପଛୁଆ ବର୍ଗ ସାହି ମୁଦୁରାଙ୍ଗ ଗ୍ରାମବାସୀଙ୍କ ସହ ମିଶି ପଂକ୍ତିରେ ବସି ପ୍ରସାଦ ସେବନ କରିଥିଲେ। ଆମ୍ବେଡ଼କରଙ୍କ ଜୟନ୍ତୀ ଓ ସମରସତା ଦିବସ ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ପାଣିଗ୍ରାହୀ ପଛୁଆ ବର୍ଗ ଲୋକଙ୍କ ଗୁରୁତ୍ୱର ଗାଥା କହିଥିଲେ । କାହାରିକୁ ଛୋଟ ନ ଭାବିବା ପାଇଁ କହିବାକୁ ଯାଇ ଭାରତ ସମ୍ବିଧାନ ପ୍ରଣେତା ଡ. ଆମ୍ବେଡ଼କରଙ୍କ କଥା କହିଥିଲେ । ପଛୁଆ ବର୍ଗର ଲୋକଙ୍କୁ ଆଗକୁ ଆଣି ପାରିଲେ ଆମ ଦେଶ ବିକାଶର ପଥରେ ଯାଉଛି ବୋଲି ଅନୁଭବ କରିବା ବୋଲି ଏମ୍‌ପି ପାଣିଗ୍ରାହୀ କହିଥିଲେ । ତେବେ ନୂଆଗାଁ ବ୍ଲକର ପଛୁଆ ବର୍ଗର ଲୋକମାନଙ୍କ ବିକାଶର ଗୁରୁ ଦାୟିତ୍ୱ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କୁ ଦେଇଥିଲେ। ସମସ୍ତେ ଏକାଠି ବସି ଖାଇବା ଦ୍ୱାରା ଆମମାନଙ୍କ ମଧ୍ୟରେ ଭାଇଚାର ସୃଷ୍ଟି ହେବ ବୋଲି ଏମ୍‌ପି କହିଥିଲେ । ସମ୍ମାନୀତ ଅତିଥି ଭାବେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ଡ. ଆମ୍ବଡ଼କରଙ୍କ ଜୀବନ କାହାଣୀ କହିବା ସହ କାହାରିକୁ କେବେ ନୀଚ ଆଖିରେ ଦେଖିବା ଠିକ୍ ନୁହେଁ ବୋଲି କହିଥିଲେ। ଏହି ଅବସରରେ ଏମପି ପାଣିଗ୍ରାହୀ ମୁଦୁରାଙ୍ଗ ଆଦିବାସୀ ସାହିରେ ସାଂସ୍କୃତିକ ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ ।

## ଓଡ଼ଗାଁ ବ୍ଲକ କଂଗ୍ରେସ ପକ୍ଷରୁ ଆମ୍ବେଡ଼କର ଜୟନ୍ତୀ ପାଳିତ

ଓଡ଼ଗାଁ, ୧୪।୪(ନାରାୟଣ ପାଣିଗ୍ରାହୀ): ଓଡଗାଁ ବ୍ଲକ କଂଗ୍ରେସ ପକ୍ଷରୁ ଗୋଡିପଡାଠାରେ ଡା. ବାବା ସାହେବ ଆମ୍ବେଡ଼କର ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଓଡଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ କରାଯାଇଛି । ନୟାଗଡ଼ ଜିଲା କଂଗ୍ରେସର ଉପ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ବାବା ସାହେବ ଆମ୍ବେଡ଼କରଙ୍କର ଜୀବନୀ ଉପରେ ଆଲୋଚନା କରିଥିଲେ। ଗୋଡିପଡା ୪ ନମ୍ବର ଜୋନ୍ ସଭାପତି ମଦନ ମୋହନ ବିଶୋଇ ଉପସ୍ଥିତ ହୋଇ ସମ୍ବିଧାନ ଉପରେ ଆଲୋଚନା କରିଥିଲେ । ଏଥିରେ ବହୁ ସଂଖ୍ୟା ପୁରୁଷ ଓ ମହିଳାମାନେ ଯୋଗଦେଇ ଥିଲେ । ବାବା ସାହେବ ଆମ୍ବେଡ଼କରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ମନୋଜ ନାଏକ, ଆକୁଳ ନାଏକ,ଦୀନବନ୍ଧୁ ନାଏକ, ନିରଞ୍ଜନ ନାଏକ,ବିରଞ୍ଚି ନାଏକ,ଆନନ୍ଦ ନାୟକ, ବିଜୟ ନାୟକ, ରୁବି ନାଏକ ଓ ପ୍ରତିମା ନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ପଣା ସଂକ୍ରାନ୍ତିରେ ଦଣ୍ଡଯାତ୍ରା ଉଦ୍‌ଯାପିତ
# ନିଆଁରେ ଚାଲିଲେ ମାନସିକଧାରୀ

ରଣପୁର,୧୪।୪(ସୁକାନ୍ତ କିଶୋର ଡାକୁଆ):

ରଣପୁର ବ୍ଲକ ଓ ଏନ୍ଏସିରେ ୧୭ ଦିନ ଧରି ଚାଲୁଥିବା ପଣା ସଂକ୍ରାନ୍ତିରେ ଦଣ୍ଡଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ଦିବସରେ ନିଆଁ ଗାଡରେ ଚାଲିଲେ ଶହ ଶହ ମନସ୍କାମନା ଧରି । ଏହାସହିତ ୩ ଜଣ ଭଗତା ଟାଣ ଖରାରେ ପିଠିରେ ଲୁହା କଣ୍ଟା ଫୋଡି ରଣପୁର ସହର ପରିକ୍ରମା କରିଥିଲେ । ଏହା ଦେଖିବା ପାଇଁ ସେଠାରେ ବହୁଭକ୍ତଙ୍କ ସହିତ ଜନ ସମାଗମ ହୋଇଥିଲା । ସେହିପରି ରଣପୁର, ସୁନାଖେଳା ଓ ଚାନ୍ଦପୁର ମୁଖ୍ୟ ରାସ୍ତା କାମନା ଘର,ସାମୁକାସାହି, ପୁରୁଣାବସନ୍ତ ଓ ସାନଗଡକଙ୍କିଆ ଇତ୍ୟାଦି ସ୍ଥାନଗୁଡିକ ସକାଳୁ ଚଳଚଞ୍ଚଳ ହୋଇପଡିଥିଲା। ବିଭିନ୍ନ କୋଠିର ଦଣ୍ଡ ଠାକୁରମାନଙ୍କୁ ସକାଳୁ ବିଭିନ୍ନ ପୁଷ୍କରିଣୀରେ ସ୍ନାନ କରାଇ କାମନା ଘରକୁ ଦଣ୍ଡୁଆମାନେ ନେଇଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହ ବା ଖରା ସତ୍ତ୍ୱେ ଆଗରୁ ପ୍ରସ୍ତୁତ କରାହୋଇ ରଖାଯାଇଥିଲା । ସାନ୍ନ କରି ଠାକୁର କାମନା ଘରକୁ ଆସିଲା ପରେ ସେଠାରେ ଦଣ୍ଡୁଆମନେ ଠାକୁରଙ୍କୁ ହୋମ ଯଜ୍ଞ ପୂଜା କରାଯାଇ ନିଆଁ



ମନସ୍କାମନାଧାରୀ ନିଆଁ ଗାଡରେ ଚାଲୁଛନ୍ତି ।

**ପିଠିରେ ଲୁହା କଣ୍ଟା ଫୋଡି ବୁଲିଲେ ସହର**

ଗାଡରେ ଠାକୁରଙ୍କୁ ଧରି ଦଣ୍ଡୁଆମାନେ ଓ କେତେକ ମନସ୍କାମନା କରିଥିବା ଭକ୍ତମାନଙ୍କ ସହିତ ଛୋଟ ପିଲାମାନେ ମଧ୍ୟ ଚାଲିଥିଲେ । କେଉଁ ଠାରେ ଏହି ନିଆଁ ଗାଡ ୨୧ ହାତରୁ ଆରମ୍ଭ ହୋଇ ୩୧ ହାତ ପର୍ଯ୍ୟନ୍ତ କରାଯାଇଥିଲା। ଏହାକୁ ଦେଖିବା ପାଇଁ ବିଭିନ୍ନ କୋଠିର କାମନା ଘର ମାନଙ୍କରେ ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ମଧ୍ୟାହ୍ନରେ ରଣପୁର ଚଣ୍ଡେଶ୍ୱର ଠାକୁରଙ୍କର ୩ଜଣ ଭଗତା ପିଠିରେ ଲୁହାକଣ୍ଟା ପାଟକ ଫୋଡିହୋଇ ରଣପୁର ସହର ସାହି ପରିକ୍ରମା କରିଥିଲେ। ଏହି ଦୃଶ୍ୟ ଦେଖିବା ପାଇଁ ପ୍ରବଳ ଖରା ସତ୍ତ୍ୱେ ମହିଳା ପୁରୁଷମାନେ ରାସ୍ତାରେ ଠିଆ ହୋଇ ଏହାକୁ ଦେଖିଥିଲେ ।

## ମା' ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା

ଖଣ୍ଡପଡା,୧୪।୪(ଅଜୟ କୁମାର ମହାରଣା) ଖଣ୍ଡପଡା ସହରର ୩ନଂ ୱାର୍ଡସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ଓ ଖଣ୍ଡପଡା ରାଜପରିବାର ଦ୍ୱାରା ପ୍ରତିଷ୍ଠିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ବିଷୁବ ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଝାମୁଯାତ୍ରା ପର୍ବ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରର ମୁଖ୍ୟ ପୂଜକ ମା'ଙ୍କ ନିକଟରେ ଭୋଗଲାଗି କରିଥିଲେ । ମନ୍ଦିରର ନୀତିକାନ୍ତି ସମ୍ପନ୍ନ ପରେ ଝାମୁଚଲା ପର୍ବ ଅନୁଷ୍ଠିତ ହୋଇଥିଲା । ପାଟଦଣ୍ଡୁଆ ଗଣେଶ ଦାସ ପ୍ରଥମେ ନିଆଁରଡରେ ଝାମୁ ଚାଲିଥିଲେ । ପରେ ୩୦ରୁ ୩୫ ଜଣ ମାନସିକଧାରୀ ମହିଳା ଓ ପୁରୁଷ ମା'ଙ୍କ ଆଜ୍ଞାରେ ଝାମୁ ଚାଲିଥିଲେ । ମା' ଙ୍କର ଏହି ଝାମୁଯାତ୍ରା ପର୍ବକୁ ଉପଭୋଗ କରିବା ଲାଗି ଆଖପାଖ ଅଞ୍ଚଳରୁ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ମହାବିଷୁବ ଯାତ୍ରା

ଓଡ଼ଗାଁ, ୧୪।୪(ନାରାୟଣ ପାଣିଗ୍ରାହୀ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗୋଡ଼ିପଲ୍ଲି ରାସ୍ତାର କୁସୁମୀନଦୀ ପୀଠରେ ବିରାଜିତ ମା' ବ୍ରାହ୍ମଣୀଦେବୀଙ୍କ ପୀଠରେ ମଙ୍ଗଳବାର ମହାବିଷୁବ ପଣାଯାତ୍ରା ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳେ ଶକ୍ତିପ୍ରସାଦ ମହାପାତ୍ରଙ୍କ ଦ୍ୱାରା ନିକଟସ୍ଥ କୁସୁମୀ ନଦୀରୁ ଗ୍ରାମର ମହିଳା ଓ ପୁରୁଷ ମିଶି କଳସଜଳ ଶୋଭାଯାତ୍ରାରେ ଆଣି ମା'ଙ୍କ ପୀଠରେ ପହଞ୍ଚିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ ପୂର୍ବକ ସମସ୍ତ ଦେବାଦେବୀଙ୍କୁ ଘୃତାହୂତି ପ୍ରଦାନ କରାଯାଇ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। କର୍ତ୍ତାଭାବେ ସୁକାନ୍ତ କୁମାର ସ୍ୱାଇଁ ଏଂ ତାଙ୍କ ସ୍ତ୍ରୀ ରୁବିନା ସ୍ୱାଇଁ କର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ଯାତ୍ରା ପ୍ରତିବର୍ଷ ପାଳିତ ହେଇ ଆସୁଥିବାବେଳେ ମହିଳା ସଂକୀର୍ତ୍ତନ ଏବଂ ଅପରାହ୍ନରେ ମା' ବ୍ରାହ୍ମଣୀଦେବୀ ନାଟ୍ୟ ସଂସଦ ଦ୍ୱାରା ସ୍ୱର୍ଗଦ୍ୱାର ମୋର ଶେଷଠିକଣା ପରିବେଷଣ ହୋଇଥିଲା। ସରପଞ୍ଚ ବିଜନ ପାଇକରାୟ, ସାମ୍ବାଦିକ ଗଣେଶ୍ୱର ସାହୁ, ଅର୍ଜୁନ ସାହୁ, କୈଳାସ ଖଟେଇ, କାହ୍ନୁ ଖଟେଇ, ବଦ୍ରିନାଥ ପାତ୍ର, ଶରତ ଖଟେଇ ଓ ରମେଶ ପଲେଇଙ୍କ ସମେତ କୁରାଳର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ସ୍ୱର୍ଣ୍ଣ କଳସ କ୍ଷେତ୍ରରେ ହନୁମାନ ବାଟିକା ପାଇଁ ଶୁଭ ଦିଆଗଲା




ହନୁମାନ ବାଟିକା ପାଇଁ ଶୁଭ ଦିଆଯାଉଛି।

ଓଡଗାଁ,୧୪।୪(ନାରାୟଣ ପାଣିଗ୍ରାହୀ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ପ୍ରଭୁ ହନୁମାନଙ୍କ ଜନ୍ମ ଉତ୍ସବ ଅବସରରେ ସ୍ୱର୍ଣ୍ଣ କଳସ କ୍ଷେତ୍ର ଓଡ଼ଗାଁଠାରେ ହନୁମାନ ବାଟିକା ପାଇଁ ଶୁଭ ସ୍ଥାପନ କରାଗଲା। ମଙ୍ଗଳବାର ସକାଳ ୭ଟାରେ ସମୟରେ ପ୍ରଭୁ ଶ୍ରୀ ରଘୁନାଥଙ୍କ ଆଜ୍ଞାମାଳକୁ ବିରାଟ ଶୋଭାଯାତ୍ରାରେ ରଗଡ଼ିସାହିସ୍ଥିତ ନାଣ୍ଡିପାହାଡ଼ ପର୍ଯ୍ୟନ୍ତ ପହଞ୍ଚି ଥିଲା । ପରେ ବ୍ରାହ୍ମଣଙ୍କ ଦ୍ୱାରା ମନ୍ତ୍ର ପାଠରେ ଶୁଭ ସ୍ଥାପନ କରାଯାଇଥିଲା। ଓଡ଼ଗାଁ ଅଞ୍ଚଳର ସମାଜସେବୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ସମାଜସେବୀ ବାଦଲ ମହାରଣା,ରାଜା ସେଠୀ, ଜଗନ୍ନାଥ ପାଣିଗ୍ରାହୀ, ଅକ୍ଷୟ ପାଇଯୋଶୀ,ମାନସ ସାହୁ, ଶରତ ପୃଷ୍ଟି ଧନଞ୍ଜୟ ଦାସ ଏବଂ ରଗଡ଼ି ସାହିର ସମସ୍ତ ବାସିନ୍ଦାଙ୍କ ସହଯୋଗରେ ଏହି ମାଙ୍ଗଳିକ କାର୍ଯ୍ୟର ଆରମ୍ଭ କରାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ବାସିନ୍ଦାଙ୍କ ଯୋଗଦାନରେ ସାରା ଓଡ଼ଗାଁ ରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ।

## ମାନବିକତା ଦେଖାଇଲେ ଅତିରିକ୍ତ ଏସ୍‌ପି
### ଦୁର୍ଘଟଣାରେ ଆହତଙ୍କୁ ଗାଡିରେ ନେଲେ ଚିକିତ୍ସାଳୟ

ନୟାଗଡ଼,୧୪।୪(ଲୋକନାଥ ମିଶ୍ର): ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ନିଜ ଗାଡିରେ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ ଭର୍ତ୍ତି କରିଛନ୍ତି। ନୟାଗଡ଼-ଭଞ୍ଜନଗର ୨୧ ନଂ. ରାଜ୍ୟ ରାଜପଥର ଗୋଡିସାହିଠାରେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳର ଏକ ଦମ୍ପତି ଦୁର୍ଘଟଣାରେ ଆହତହୋଇ ପଡି ରହିଥିଲେ। ସମସ୍ତେ ଦୁଃଖ ପ୍ରକାଶ କରୁଥିଲେ ମଧ୍ୟ କେହି ଚିକିତ୍ସାଳୟକୁ ନେଉ ନ ଥିଲେ । ସେହି ସମୟରେ ଅତିରିକ୍ତ ଏସ୍‌ପିଙ୍କ ଗାଡି ସେହି ରାସ୍ତା ଦେଇ ଅତିକ୍ରମ କରୁଥିଲା । ଦୁର୍ଘଟଣାରେ ଆହତଙ୍କୁ ଦେଖି ଗାଡି ଅଟକାଇ ଚିକିତ୍ସା ବ୍ୟବସ୍ଥା କରିଥିଲେ ।

# ମହାବୀର ଜୟନ୍ତୀ ପାଳିତ

ଖଣ୍ଡପଡା,୧୪।୪(ଅଜୟ କୁମାର ମହାରଣା) ମହାବିଷୁବ ସଂକ୍ରାନ୍ତିରେ ମଙ୍ଗଳବାର ଖଣ୍ଡପଡା ବ୍ଲକ କଣ୍ଟିଲୋ, ମର୍ଦ୍ଦରାଜପୁର, ବଡବାଣପୁର, ସିଧାମୂଳା, ଖଳିସାହି ଓ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ବଜରଙ୍ଗ ପୀଠରେ ମହାବୀର ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ନୀଳମାଧବ ପୀଠସ୍ଥ ହନୁମାନଙ୍କ ମନ୍ଦିର, ଯାତ୍ରାପଦା ବଜାର ପଞ୍ଚମୁଖୀ ହନୁମାନ, ଗୋକୁଳାନନ୍ଦ ଜୀଉ ପୀଠ, ମର୍ଦ୍ଦରାଜପୁର, ଗୋପୀନାଥପୁର ସିଦ୍ଧମାହାବୀର ମନ୍ଦିର, ବଡବାଣପୁର ମହାବୀର ମନ୍ଦିରରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅଖଣ୍ଡ ୧୦୮ ହନୁମାନ ଚାଳିଶା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ପ୍ରାୟ ୮ଟା ୩୦ରେ ଅନ୍ନଯଜ୍ଞ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସେହିପରି ବଡବାଣପୁର ମହାବୀର ଭକ୍ତବୃନ୍ଦଙ୍କ ଆନୁକୂଲ୍ୟରେ ୨ ଦିନ ବ୍ୟାପୀ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ଏହି ଅବସରରେ ୧୦୮ ହନୁମାନ ଚାଳିସା, ବିଶ୍ୱଶାନ୍ତି ମହାଯଜ୍ଞ ଓ ସଂନ୍ଧ୍ୟାରେ ଅଖଣ୍ଡ ହନୁମାନ ଚାଳିଶା ଓ ଘୃତ ଯଜ୍ଞ କରାଯାଇଥିଲା । ଅପରାହ୍ନ ପ୍ରାୟ ୫ଟା ୩୦ରେ ପୂର୍ଣ୍ଣାହୁତି ଶେଷ ହୋଇଥିଲା। ପରେ କଣ୍ଟିଲୋ ଓ ଗୋପୀନାଥପୁର ମାତୃମଣ୍ଡଳୀଙ୍କ ପକ୍ଷରୁ ବାଦୀ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୁଧବାର ବାଣପୁର ସମେତ ମଧଖଣ୍ଡ, ରାସଙ୍ଗ ଓ ବେଣାଗାଡିଆ ଗ୍ରାମର ବାଦୀ ଉଦଣ୍ଡ ଅନୁଷ୍ଠିତ ହେବାକୁ ଥିବାବେଳେ ଗୁରୁବାର ବାଲ୍ୟଲୀଳା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନ ସଭାପତି ଓ ସମ୍ପାଦକ ଯଥାକ୍ରମେ କୁତାର୍ଥ ପ୍ରଧାନ ଓ ପ୍ରଭାତ କୁମାର ପ୍ରଧାନଙ୍କଠାରୁ ପ୍ରକାଶ ।

## ହନୁମାନଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଖଣ୍ଡପଡା,୧୪।୪(ଅଜୟ କୁମାର ମହାରଣା)

ପଥରଚକଡା ନୂଆସାହି ସ୍ଥିତ ହନୁମାନ ଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବିଷୁବ ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏ ଅବସରରେ ସୋମବାର କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଆୟୋଜିତ ଯଜ୍ଞ ବେଦୀରେ କଳସ ସ୍ଥାପନ କରାଯାଇଥିଲା । ଅଧିବାସ, ଅଙ୍କୁରାରୋପଣ ଆଦି ମାଙ୍ଗଳିକ କାର୍ଯ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୂର୍ଣ୍ଣାହୁତି ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ପରିସରରେ ଦିବସ ବ୍ୟାପୀ ନାମ ସଂକୀର୍ତ୍ତନ, ହନୁମାନ ଚାଳିସା ଅନୁଷ୍ଠିତ ହୋଇଥିଲା ।

# ଇଟାମାଟିରେ ରାଜ୍ୟସ୍ତରୀୟ ବିଷୁବ ମିଳନ, କବିତା ପାଠୋତ୍ସବ

ନୟାଗଡ଼, ୧୪।୪(ଲୋକନାଥ ମିଶ୍ର): ଓଡ଼ିଆ ନବ ବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବଂଶୀଧର ସ୍ମୃତି ପରିଷଦ, ବଂଶୀଧର ଇଣ୍ଟର ନ୍ୟାସନାଲ ଫାଉଣ୍ଡେସନ ଫର ପିସ ଆଣ୍ଡ ଡେଭଲପମେଣ୍ଟ ଆନୁକୂଲ୍ୟରେ ମଙ୍ଗଳବାର ୩୩ତମ ରାଜ୍ୟସ୍ତରୀୟ ବିଷୁବ ମିଳନ ଓ କବିତା ପାଠୋତ୍ସବ ଇଟାମାଟିର ବଂଶୀଧର ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାନେତ୍ରୀ ବିଦ୍ୟୁଲତା ସାହୁଙ୍କ ପୌରୋହିତ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ବଂଶୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ହନୁମାନ ଚାଳିଶା ସୁଜାତା ସାହୁ ପାଠ କରିଥିଲେ। ଉମେଶ ଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ,ସଭା ସଂଯୋଜନା ଡ଼. ସୁକାନ୍ତି ମହାନ୍ତି କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ,ମୁଖ୍ୟ ବକ୍ତା କବି ନିରାକାର ସ୍ୱାଇଁ,ସମ୍ମାନିତ ଅତିଥି ରୀନବାଳା ସାହୁ ଓ ବିଦେଶୀ ନାୟକ ଯୋଗ ଦେଇଥିଲେ।

ବକ୍ତାମାନେ କହିଥିଲେ, ବଂଶୀଧର ଏକାଧାରରେ ରାଜନେତା, ସାହିତ୍ୟିକ, ଶିକ୍ଷାବିତ, ନାଟ୍ୟକାର, ସମାଜସେବୀ ଓ ନୟାଗଡ଼ର ବିଧାୟକ ଥିଲେ। ସେଇପରି କବିଙ୍କ କାବ୍ୟ ଓ କବିତା ବିଷୟରେ ଆଲୋଚନା କରିଥିଲେ। ଆମ୍ବେଡ଼କରଙ୍କ କାର୍ଯ୍ୟକଳାପ ତଥା ହନୁମାନଙ୍କ ଉପରେ ମଧ୍ୟ ଆଲୋକ ପାତ କରିଥିଲେ। ଏଥିରେ ବିଦେଶୀ ନାୟକଙ୍କୁ ବଂଶୀଧର ସ୍ମୃତି ସାରସ୍ୱତ ସମ୍ମାନ, ନୀଳିମା ନନ୍ଦଙ୍କୁ ବଂଶୀଧର ସ୍ମୃତି ସାହିତ୍ୟ ସମ୍ମାନ, ଗୋପୀନାଥ ପରିଡ଼ାଙ୍କୁ ବଂଶୀଧର ସ୍ମୃତି ଯୁବ ସାହିତ୍ୟ ସମ୍ମାନ, କନ୍ଧମାଳ ଜିଲା ଦାରିଙ୍ଗିବାଡିର ଧରିତ୍ରୀ ପ୍ରତିନିଧି ଅରୁଣ କୁମାର ସାହୁଙ୍କୁ ବଂଶୀଧର ସ୍ମୃତି ପତ୍ରକାର ସମ୍ମାନ, ବ୍ୟଙ୍ଗକାର ରବୀନ୍ଦ୍ର ରାଉତଙ୍କୁ ବଂଶୀଧର ସ୍ମୃତି ଗୌରବ ସମ୍ମାନ ୨୦୨୬ ପ୍ରଦାନ କରା ଯାଇଛି। ରଙ୍ଗନାଥ ବେହେରା, କିଶୋର ସାହୁ, ସୁଜାତା ସାହୁ, ଶେଖ ଅବଦୁଲ ଖାଲିକ, ନିର୍ମଳ ଚନ୍ଦ୍ର ଶୂରଦେଓ , ଗୋଲକ ବିହାରୀ ନାଏକ, ଦେବେନ୍ଦ୍ର ନାଥ ପରମ ଗୁରୁ, ଅନିତା ସ୍ୱାଇଁ, ମମତା ମଞ୍ଜରୀ ଦେବୀ ପ୍ରମୁଖ ୬୦ ଜଣ କବି କବିତାପାଠ କରିଥିଲେ। ଜ୍ୟେଷ୍ଠପୁତ୍ର ମନୋଜ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁକାନ୍ତି ମହାନ୍ତି ଧନ୍ୟବାଦ ଦେଇଥିଲେ।




ପୁରସ୍କୃତ ହୋଇଥିବା ପ୍ରତିଭାମାନେ।

# ଗରା, ବାଲ୍‌ଟି ଧରି ରାସ୍ତାରେ ମହିଳା, ପୁରୁଷ

ଶରଣକୁଳ, ୧୪।୪ (ଦୀପକ କର ):

ବ୍ଲକର ବିଭିନ୍ନ ସ୍ଥାନରେ ଜଳକଷ୍ଟ ଏବେ ଉଗ୍ରରୂପ ଧାରଣ କରିଛି। କେଉଁଠି ଟାଙ୍କି ଅଛି ପାଣି ଆସୁନି ତ ଆଉ କେଉଁଠି ନର୍ଦ୍ଦମା ପାଣି ସହିତ ପିଇବା ମିଶି ଲୋକଙ୍କୁ ଦିଆଯାଉଛି। ଆଉ ଏବେ ଶରଣକୁଳ ସୁଆରସାହିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ପାଣି ଟାଙ୍କିରେ ଫିଲଟର ଲାଇନ୍ ନ ଥିବାରୁ ନଦୀର ଧାର ପାଣି ପଶିବା ସହିତ ପିଇବା ପାଣି ମିଶି ଲୋକଙ୍କୁ ଦିଆଯାଉଥିବାରୁ ସୁଆରସାହିର ମହିଳା ଓ ପୁରୁଷ ଗରା, ବାଲତି ଧରି ରାସ୍ତାକୁ ଆସିଥିଲେ। ଜିଲାପାଳ ଓ ବାଚସ୍ପତି ଶରଣକୁଳ ଯାଉଥିବା ସମୟରେ ସେମାନଙ୍କୁ ଅଟକାଇ ଗୁହାରି କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଶରଣକୁଳ ସୁଆରସାହିକୁ କୁସୁମୀ ନଦୀରୁ ପିଇବା ପାଣି ଯୋଗାଣ କରାଯାଉଛି। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପାନୀୟଜଳ ପ୍ରକଳ୍ପରୁ ପାଣି ଯୋଗାଣ ହେଉଥିଲେ ମଧ୍ୟ ପିଇବା ପାଣି ନିଅଣ୍ଟିଆ



ପାଣି ପାଇଁ ରାସ୍ତାରେ ଗରା, ବାଲ୍‌ଟି ଧରି ଲୋକେ ପ୍ରତିବାଦ କରୁଛନ୍ତି ।

**ଜିଲାପାଳ, ବାଚସ୍ପତିଙ୍କୁ ଗୁହାରି କଲେ ଗ୍ରାମବାସୀ**

ହେଉଥିବା ଓ ପାଇପ୍ ଫାଟି ପିଇବା ପାଣିରେ ମିଶି ଲୋକଙ୍କୁ ଦିଆଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପଟେ ସରକାର ସମସ୍ତଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କରିବାକୁ ମାଳ ମାଳ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବିଭାଗର ଦାୟିତ୍ୱ ହୀନତା ପାଇଁ ସବୁ ଯୋଜନା ଭୁଶୁଡି ବାରେ ଲାଗିଛି। ସୋମବାର ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ଓ ବାଚସ୍ପତି ଯୋଗଦେବାକୁ ଯାଉଥିବା ରାସ୍ତାରେ ମହିଳାମାନେ ଉଭୟଙ୍କୁ ଅଟକାଇ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ଖୁବଶୀଘ୍ର ପାଣି ସମସ୍ୟାରେ ସୁଧାର ଆସିବ ବୋଲି ଜିଲାପାଳ ମଧୁମିତା ରଥ ପରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ମହିଳା ଓ ପୁରୁଷମାନେ ରାସ୍ତାରୁ ଉଠିଥିବା ଜଣାପଡିଛି।

# ୪ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ପ୍ରଭୁ ନାରାୟଣ ଗୋସାଇଁ


ଜଳଶାୟିତ ଶ୍ରୀନାରାୟଣ ଗୋସାଇଁଙ୍କୁ ପୁଷ୍କରିଣୀରୁ ଅଣାଯାଉଛି।

**ରସୁଲପୁର,୧୪।୪(ରଞ୍ଜିତ ରାଉତ):** ଯାଜପୁର ଜିଲା ରସୁଲପୁର ବ୍ଲକ ସିଂହାପୁରଠାରେ ମଙ୍ଗଳବାରଠାରୁ ପ୍ରସିଦ୍ଧ ସିଂହାପୁର ଯାତ୍ରା ଆରମ୍ଭ ହୋଇଛି। ସକାଳ ୭ଟା୩୦ରେ ମଧୁତୀର୍ଥ ପୁଷ୍କରିଣୀରୁ ମଧୁପୁର ଗଡ଼ଜାତ ରାଜାଙ୍କ ଦାୟାଦ ଅପର୍ଣ୍ଣା ଧୀର ସିଂ ଓ ସିଙ୍ଗାପୁର ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ଭୀଷ୍ମ ପ୍ରସାଦ ରଥଙ୍କ ଉପସ୍ଥିତିରେ ଜଳଶାୟିତ ଶ୍ରୀନାରାୟଣ ଗୋସାଇଁଙ୍କୁ ସ୍ଥଳ ଦେଶ ମନ୍ଦିରକୁ ନିଆଯାଇଥିଲା। ଶ୍ରୀଜୀଉଙ୍କ ଜଳ ଉଠାଣ ସମୟରେ ନାରାୟଣ ଗୋସାଇଁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଜୀଉ ବିମାନରେ ପୁଷ୍କରିଣୀ କୂଳକୁ ଆସିଥିଲେ। ରାଜଜେମା ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜ ଓ ରାଜପୁରୋହିତ ଉପସ୍ଥିତ ରହି ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ମନ୍ଦିରକୁ ପାଛୋଟି ନେଇଥିଲେ।

ନାରାୟଣ ଗୋସାଇଁ ବର୍ଷସାରା ୩୬୨ମନ୍ଦିର ନିକଟ ମଧୁତୀର୍ଥ ପୁଷ୍କରିଣୀ ଜଳ ମଧ୍ୟରେ ରହିଥାନ୍ତି ଓ ମହାବିଷୁବ ସଂକ୍ରାନ୍ତିରୁ ୩ଦିନ ପାଇଁ ମନ୍ଦିରକୁ ଆସି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଚତୁର୍ଥ ଦିନ ମେଳାରେ ମହାପ୍ରଭୁ ପୁଣି ନିଜ ପୁଷ୍କରିଣୀକୁ ଗମନ କରିଥାନ୍ତି। ଏହି ୩ଦିନ ମଧ୍ୟରେ ମହାପ୍ରଭୁଙ୍କୁ ୧୩ ପ୍ରକାର ବେଶ କରାଯାଇଥାଏ। ଏହି ଅବସରରେ ପ୍ରଭୁଙ୍କ ନିକଟରେ ପାରମ୍ପରିକ ପୂଜା ସହିତ ପ୍ରଭୁଙ୍କୁ ସୂର୍ଯ୍ୟନାରାୟଣ, ପ୍ରଥମ ଦିନରେ ନାରାୟଣ ଗୋସାଇଁଙ୍କୁ ମଦନ ମୋହନ, ମୀନ, କଚ୍ଛପ, ବରାହ ଆଦି ବେଶରେ ଭୂଷିତ କରାଯାଇଥିଲା।ଏହି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଯାତ୍ରାର ନିଆରା ପରମ୍ପରା ଓ ବିଧି ବିଧାନ ଦେଖିବାକୁ ପ୍ରତିବର୍ଷ ଭଳି ଚଳିତ

## ପ୍ରସିଦ୍ଧ ସିଂହାପୁର ଯାତ୍ରା ଆରମ୍ଭ

ବର୍ଷ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ। ସକାଳ ସମୟରେ ନାରାୟଣ ଗୋସାଇଁଙ୍କ ଜଳ ଉତ୍ଥାନ ଲୀଳା ଦେଖିବାକୁ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ସିଂହାପୁର ଯାତ୍ରା କମିଟି ସଭାପତି ତଥା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସିଂହାପୁର, ଓଡ଼ିଶୋ, କଲଣ ଓ ବାରବାଟୀ ଆଦି ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତଥିଲେ। କୁଆଖିଆ ଓ ଧର୍ମଶାଳା ପୋଲିସ, ଅଗ୍ନିଶମ ବାହିନୀ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଳାରେ ଆଇନଶୃଙ୍ଖଳା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳା ରକ୍ଷା ପାଇଁ ଯାଜପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଡିଏସ୍‌ପି, ୨ ଆଇଆଇସି, ୧୬ ପୋଲିସ ଅଧିକାରୀ, ୩୨ ହୋମ ଗାର୍ଡ ଓ ୫ ସେକ୍ସନ ପୋଲିସ ବାହିନୀ ମୁତୟନ କରାଯାଇଛି ବୋଲି ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁନୀତା


@ ଦୀପକ


@ ପୂଜା


@ ଶଶିକାନ୍ତ


@ ରାହୁଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜୁନିଦାପାଟଣା ଗ୍ରାମରେ ଝାମୁଯାତ୍ରା


ମନ୍ଦିର ପୂଜକ ଶାରଦା ଦାସ ମା'ଙ୍କ ବିଗ୍ରହକୁ ମୁଣ୍ଡରେ ବସାଇ ନିଆଁରେ ଚାଲୁଛନ୍ତି।

**ଦଶରଥପୁର,୧୪।୪(ସୁଶାନ୍ତ କୁମାର ବେହୁରିଆ):**

■ ନିଆଁରେ ନାଚିଲେ ଶାରଳା ଦାସ
■ ହଜାର ହଜାର ଭକ୍ତଙ୍କ ସମାଗମ

ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଜୁନିଦାପାଟଣା ଗ୍ରାମରେ ଥିବା ମା' ଶାରଳାଙ୍କ ପୀଠରେ ଝାମୁଯାତ୍ର ଆରମ୍ଭ ହୋଇଛି। ଏହି ଝାମୁଯାତ୍ରା ପ୍ରାୟ ୩୯ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁଷ୍ଠିତ ହୋଇଆସୁଛି। ଗ୍ରାମର ମନ୍ଦିର ପୂଜକ ଶାରଦା ଦାସ ମା'ଙ୍କ ବିଗ୍ରହକୁ ମୁଣ୍ଡରେ ବସାଇ ନିଆଁରେ ନୃତ୍ୟ ପରିବେଷଣ କରି ନିଆଁରେ ଚାଲିଥିଲେ। ଘଣ୍ଟ, ଢୋଲର ତାଳେତାଳେ ମା'ଙ୍କ ବିଗ୍ରହ ଧରି ସେ ନାଚିବାବେଳେ ଶ୍ରଦ୍ଧାଳୁ ମଧ ନାଚୁଥିବା ଦେଖିବାକୁ ମିଳିଥିଲା। ପରେ ଖଣ୍ଡା, ତ୍ରିଶୂଳ, ଖଡଗ୍ ଆଦି ଧରି ନୃତ୍ୟ ମଧ କରିଥିଲେ। ସୋମବାର କଳସ ଯାତ୍ରା, ନିଶିଘଣ୍ଟ, ଶୁଭାଧିବାସ, ଗୋ ପୂଜା, ମହାଯଜ୍ଞ, ସୂର୍ଯ୍ୟ ପୂଜା, ନାମ ସଙ୍କୀର୍ତ୍ତନ ଆଦି ଆରମ୍ଭ ହୋଇଥିଲା। ମଙ୍ଗଳବାର ଝାମୁଯାତ୍ରା ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଦୃଶ୍ୟ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳର ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେଡି ସଭାପତି ସରୋଜ ମହାପାତ୍ର, କର୍ଣ୍ଣାଟ କେଶରୀ ଦାସ, ଭାଜପା ନେତା ଗୌତମ ରାୟ, ସୁବାସ ମହାନ୍ତି, ସବ୍ୟସାଚୀ ଦାସ, ଇନ୍ଦ୍ରଜିତ ଦାସ ପ୍ରମୁଖ ମା'ଙ୍କ ଦର୍ଶନ କରି ଆର୍ଶୀବାଦ ଲାଭ କରିଥିଲେ। ଏହି ଝାମୁଯାତ୍ରା ୧ ସପ୍ତାହ ଧରି ଚାଲିବ। ଏହି ଯାତ୍ରାକୁ ରାଉରକେଲା, ଭୁବନେଶ୍ୱର, ଜଗତସିଂହପୁର, କେନ୍ଦ୍ରପଡା, କଟକ, ଭଦ୍ରକ ଓ ଯାଜପୁରର ବିଭିନ୍ନ ଆଡୁ ଭକ୍ତ ଆସିଥାନ୍ତି। ମା' ବିରଜା ମନ୍ଦିରର ମୁଖ୍ୟ ପୂଜକ ସରୋଜ ପତି, ଗିରିଧାରୀ ଦାସ, ସୂର୍ଯ୍ୟମଣି ପାଢ଼ୀ, ବାସୁଦେବ ଦାସ, ରଞ୍ଜନ ମାଝି , ମିହିର ସାହୁ, ସତ୍ୟବ୍ରତ ସାହୁ, ହୃଦାନନ୍ଦ ସାହୁ ଓ ସୁମିତ୍ରା ସାହୁ ପ୍ରମୁଖ ଝାମୁଯାତ୍ର ପରିଚାଳନା କରୁଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ଯୁବପରିଷଦ ପକ୍ଷରୁ ଭକ୍ତଙ୍କ ପାଇଁ ଜଳଛତ୍ର ଆୟୋଜନ କରାଯାଇଛି।

# ମା' ମଲ୍ୟାବୁଢ଼ୀଙ୍କ ବାର୍ଷିକ ଉତ୍ସବ

**ଚଣ୍ଡିଖୋଲ,୧୪।୪(ପ୍ରଦୀପ୍ତ କୁମାର ପୃଷ୍ଟି):** ବାଲିଚନ୍ଦ୍ରପୁର ମା' ମଲ୍ୟାବୁଢ଼ୀ ପରିଚାଳନା ଟ୍ରଷ୍ଟ ଆନୁକୂଲ୍ୟରେ ମା'ଙ୍କ ବିଜେସ୍ଥଳୀରେ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସୋମବାର ଅଙ୍କୁରାରୋପଣ, ଯଜ୍ଞ ଅଧିବାସ, ମଣ୍ଡଳ ସ୍ଥାପନ ଓ ଧ୍ୱଜା ତୋରଣ ସ୍ଥାପନ ହୋଇଥିଲା। ମହାବିଷୁବ ପଣାସଂକ୍ରାନ୍ତିରେ କଳସ ଯାତ୍ରା, ଅଖଣ୍ଡ ଦୀପ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋ ପୂଜା, ଯଜ୍ଞ କର୍ମମଣ୍ଡଳ ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ ମନୋଜ ମହାରଣା ଓ ତାଙ୍କ ଧର୍ମପତ୍ନୀ ବର୍ଷା କାର୍ଯ୍ୟ ସମ୍ପାଦନା କରିଥିଲେ। ପଣ୍ଡିତ ଗଗନ ବିହାରୀ ମିଶ୍ର, ସନ୍ତୋଷ ଶତପଥୀ, ପ୍ରୀତିରଞ୍ଜନ ଶତପଥୀ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ନରହରି ସେନଙ୍କ ତତ୍ତ୍ୱାବଧାନରେ ସଭାପତି ଅନନ୍ତ ମହାରଣା, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଦାସ, ସଦସ୍ୟ ଅଶୋକ ପରିଡ଼ା, ତିଳୋତମା ସେନ, ବାସନ୍ତୀ ସେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ନାରାୟଣ ପଣ୍ଡା, ଆକୁଳି ଦାସ, ମହେଶ୍ୱର ସେଠୀ, ସଞ୍ଜୟ ସାହୁ, ଦାମୋଦର ସାହୁ, ଦାମୋଦର ଦାସ, ଦିବାକର ସେଠୀ, ପ୍ରମୋଦ ଦାସ, ଗିରିଶ ପ୍ରତାପ ପରିଡା, ଉଦୟନାଥ ସେଠୀ, ଏକାଦଶୀ ସେଠୀ, କୈଳାସ ଚନ୍ଦ୍ର ବେହେରା, ଅନାଦି ମହାରଣା, ଧୀରେନ୍ଦ୍ର ପାତ୍ର, ବିଶ୍ୱପ୍ରକାଶ ସାମଲ, ପ୍ରଶାନ୍ତ ସାହୁ ପ୍ରମୁଖ ଶତାଧିକ ବିଶିଷ୍ଟ ବ୍ୟକ୍ତି ମା'ଙ୍କୁ ଦର୍ଶନକରି କୃପାଲାଭ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମା' ବାହୁତୀଙ୍କ ବାର୍ଷିକ ଯଜ୍ଞ



**ଚଢ଼େଇଧରା,୧୪।୪(ଦିଲୀପ ପରିଡ଼ା):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ାଖାଳି ଗ୍ରାମରେ ମା, ବାହୁତୀ ଦେବୀଙ୍କ ବାର୍ଷିକ ଯଜ୍ଞ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଥମେ ଗ୍ରାମ ପୋଖରୀରୁ ଜଳ କଳସ ଅଣାଯାଇ ଶୋଭାଯାତ୍ରା କରାଯାଇଥିଲା। ପରେ ମା'ଙ୍କ ଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ଘଟସ୍ଥାପନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପୂଜା ଓ ଗାୟତ୍ରୀ ମନ୍ତ୍ର ପାଠ କରାଯାଇଥିଲା। ଭଜନ କୀର୍ତ୍ତନରେ କୁକୁଡ଼ାଖାଳି ଗ୍ରାମ ଉତ୍ସବ ମୁଖରିତ ହୋଇଥିଲା। ମା 'ଙ୍କ ମନ୍ଦିରକୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା। ଯଜ୍ଞ ଦେଖିବାକୁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିଲା। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଥିଲା।

# କୁଆଁସ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଆରମ୍ଭ

**ଦଶରଥପୁର / ଝୁମ୍ପୁରୀ,୧୪।୪ (ସୁଶାନ୍ତ କୁମାର ବେଉରା/ସରୋଜ ନାୟକ):** ଦଶରଥପୁର ବ୍ଲକର ପ୍ରମୁଖ ଶକ୍ତି ପୀଠ କୁଆଁସ ମା'ମଙ୍ଗଳାଙ୍କ ୧୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି ଅବସରରେ ଆରମ୍ଭ ହୋଇଛି। ୧ ମାସ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ହେବ। ଏଥିପାଇଁ ପୀଠ ଚଳଚଞ୍ଚଳ ହୋଇପଡ଼ିଛି। ମଙ୍ଗଳାପୀଠ ଉନ୍ନୟନ କମିଟି ସଭାପତି ପତିତପାବନ ମହାନ୍ତି, ସମ୍ପାଦକ ଅକ୍ଷୟ ବେହେରା, ସଭ୍ୟ ତପନ ରାଉତ, ସୁଶାନ୍ତ ନାୟକ, ଜ୍ଞାନରଞ୍ଜନ ମଲ୍ଲିକ, ପ୍ରଦୀପ ବେହେରା, ପ୍ରିୟବ୍ରତ ମହାନ୍ତି, ଶେଷଦେବ ଜେନାଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଜନସମାଗକୁ ଦୃଷ୍ଟିରେ ରଖି ଦେବଜ୍ୟୋତି ଫାଉଣ୍ଡେସନ ଟ୍ରଷ୍ଟ ମୁଖ୍ୟ ବିପ୍ଳବ ମଙ୍ଗରାଜ ଜଳ ବଣ୍ଟନ କରିଥିଲେ। ଏହି ଦିନରେ ମା'ଙ୍କୁ ଦର୍ଶନ କଲେ ଭକ୍ତଙ୍କ ମାନସିକ ପୂରଣ ହୁଏ ବୋଲି ଲୋକକଥା ରହିଛି। ସେଥିଲାଗି ସକାଳୁ ମା'ଙ୍କ ଦର୍ଶନ ନିମନ୍ତେ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ପୀଠର ବିଶେଷ ପରମ୍ପରା ଅନୁଯାୟୀ ଏକ ମାସ ଧରି ପାଟୁଆଭାବେ ବ୍ରତ ରଖିଥିବା ଭକ୍ତ ମା'ଙ୍କ ପୀଠରେ ଥିବା ପଦ୍ମ ପୋଖରୀରେ ବୁଡ଼ ପକାଇ ମା'ଙ୍କୁ ଦର୍ଶନ କରିଥାନ୍ତି। ଭକ୍ତ ଏଠାରେ କୁକୁଡ଼ା ଉଡ଼ାଇବା ପରମ୍ପରା ଦେଖିବାକୁ ମିଳେ। ମା' ମଙ୍ଗଳା ଉନ୍ନୟନ କମିଟି ପକ୍ଷରୁ ପାଟୁଆଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଏ। ଶତାଧିକ ବ୍ୟବସାୟୀ ଏଠାରେ ପସରା ମେଲାଇଥାନ୍ତି।



# ମଠ, ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

## ଭକ୍ତିମୟ ପରିବେଶରେ ଓଡ଼ିଆ ନବବର୍ଷ ପାଳିତ

**ବିଞ୍ଝାରପୁର/ସିଂହପୁର,୧୪।୪ (ରାମକୃଷ୍ଣ ଦାସ/ଅନଙ୍ଗ ଉଦୟ ବେଉରିଆ):**

ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଓ ମହାବୀର ହନୁମାନଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିପାଇଁ ବିଞ୍ଝାରପୁର ବ୍ଲକ ଅଞ୍ଚଳର ବିଭିନ୍ନ ମନ୍ଦିର ଓ ମଠରେ ଶ୍ରଦ୍ଧାଳୁଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ଅରେଇସ୍ଥିତ ବରୁଣେଶ୍ୱର କ୍ଷେତ୍ରରେ ବାବା ବରୁଣେଶ୍ୱରଙ୍କ ଦର୍ଶନ ପାଇଁ ଭକ୍ତ ବହୁ ସଂଖ୍ୟାରେ ଭିଡ଼ ଜମାଇଥିଲେ। ସେହିପରି ବାଙ୍କିପାଳସ୍ଥିତ ମାହାକାଳ ପୀଠ, ସିଂହପୁର ଅଞ୍ଚଳର ଇଷ୍ଟଦେବୀ ଦରିଆ ନାହାକାଣୀଙ୍କ ପୀଠରେ ବିଶେଷ ହୋମଯଜ୍ଞ ଆୟୋଜିତ ହୋଇଥିଲା। ସକାଳୁ ଶ୍ରଦ୍ଧାଳୁ ଆସି ଦେବୀଙ୍କ ଦର୍ଶନ କରିବା ସହ ଯଜ୍ଞରେ ଅଂଶଗ୍ରହଣ କରିଥିଲେ। ବେଦମନ୍ତ୍ର ଓ ପୂଜାର୍ଚ୍ଚନା


ରୁଦ୍ରପୁରସ୍ଥିତ ମା' ମଙ୍ଗଳ ଚଣ୍ଡୀ ମନ୍ଦିର।


ଦରିଆ ନାହାକାଣୀଙ୍କ ପୀଠରେ ଭକ୍ତଙ୍କ ପୂଜାର୍ଚ୍ଚନା।

ମଧ୍ୟରେ ସମଗ୍ର ପରିବେଶ ଧାର୍ମିକ ଭାବନାରେ ଭରିଯାଇଥିଲା। ଗ୍ରାମବାସୀ ଶାନ୍ତି, ସମୃଦ୍ଧି ପାଇଁ ଦେବୀଙ୍କୁ ପ୍ରାର୍ଥନା କରିଥିଲେ। ପଣ୍ଡିତ ଓ ପୂଜକ ପାରମ୍ପରିକ ପ୍ରଣାଳୀରେ ହୋମକାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ମାଁସଡ଼ାସ୍ଥିତ ଦଧିବାବନ ଜୀଉ, ଗୌଡ଼ସାହିସ୍ଥିତ ବାବା କଲ୍ୟାଣେଶ୍ୱର, ରୁଦ୍ରପୁର ସ୍ଥିତ ମା' ମଙ୍ଗଳ ଚଣ୍ଡୀ, କଲ୍ୟାଣପୁରସ୍ଥିତ ବାବା ବରୁଣେଶ୍ୱର, ବାବା ସମଲେଶ୍ୱର, ରଣପୁରସ୍ଥିତ ବାବା ବଟେଶ୍ୱର, ଜଗନ୍ନାଥପୁର ସ୍ଥିତ ମା' ଭଗବତୀ, ଅଳକୁଣ୍ଡସ୍ଥିତ ବଳଦେବଜୀଉଙ୍କ ସମେତ ବିଭିନ୍ନ ସ୍ଥାନରେ ଥିବା ମହାବୀର ହନୁମାନଙ୍କ ପୀଠରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ସାମାଜିକ ସଂଗଠ ପକ୍ଷରୁ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା। ମନ୍ଦିର ନିକଟରେ ସ୍ଥାନୀୟ ଯୁବକମାନେ ଉତ୍ସାହର ସହ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରିଥିଲେ। ସମଗ୍ର ଅଞ୍ଚଳରେ ଓଡ଼ିଆ ନବବର୍ଷ ଉତ୍ସାହ ଓ ଧାର୍ମିକ ଭାବନାରେ ପାଳିତ ହୋଇଥିଲା। ଲୋକଙ୍କ ମଧ୍ୟରେ ଭାଇଚାରା ଓ ଏକତାର ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଥିଲା।

**୧୧ ଫୁଟ ୩ ଇଞ୍ଚର କୁମ୍ଭୀର ମୃତ**

**ରାଜନଗର, (ଭାସ୍କର ରାଉତରାୟ):** ରାଜନଗରରେ ପ୍ରବାହିତ ହଂସୁଆ ନଦୀରୁ ୧୧ ଫୁଟ ୩ ଇଞ୍ଚର ମୃତ କୁମ୍ଭୀର ଜବତ କରାଯାଇଛି। ହଂସୁଆ ନଦୀର ସାନଓର ନିକଟରେ ମୃତ କୁମ୍ଭୀର ଭାସୁଥିବା ସୋମବାର ସନ୍ଧ୍ୟାରେ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଟିମ ପହଞ୍ଚି ମୃତ କୁମ୍ଭୀରକୁ ଜବତ କରି ସଂସାରଫଳସ୍ଥିତ ରାଜନଗର ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରକାଶ କୁମାର ଜେନାଙ୍କ ନେତୃତ୍ୱରେ ୪ ଜଣିଆ ଟିମ କୁମ୍ଭୀରର ବ୍ୟବଚ୍ଛେଦ କରିଥିଲେ। କୁମ୍ଭୀରଟି ୮ରୁ୧୦ ଦିନ ତଳେ ମରି ପଡି ଯାଇଥିଲା। କୁମ୍ଭୀର ଲଢେଇରୁ ବାମ ଗୋଡ କଟିବା ସହ ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ରଢ଼ ନିଆଁରେ ଚାଲିଲେ ରାଉଳ ସମ୍ପ୍ରଦାୟ ସେବକ


ମା' ରାମଚଣ୍ଡୀଙ୍କ ସ୍ୱତନ୍ତ୍ର ବେଶ କରାଯାଇଛି।


ଅତିଥିମାନେ 'ଦରିଆରାଣୀ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ମା' ରାମଚଣ୍ଡୀଙ୍କ ଝାମୁଯାତ୍ରା**

**■ ଉନ୍ମୋଚନ ହେଲା ମା' ଦରିଆରାଣୀ ପୁସ୍ତକ**

**ମହାକାଳପଡ଼ା, ୧୪।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀଙ୍କ ପୀଠରେ ଝାମୁଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭୋର ସାଢ଼େ ଚାରିଟାରୁ ମନ୍ଦିର ଦ୍ୱାର ଫିଟା ହେବା ପରେ ମା'ଙ୍କ ନୀତିକାନ୍ତି ଯଥା ରୀତିନୀତି ଅନୁସାରେ ପାଳନ କରାଯାଇଥିଲା। ମହାସ୍ନାନ ପରେ ମାଜଣା ହୋଇଥିଲା। ପରେ ମା'ଙ୍କୁ ପାଟବସ୍ତ୍ର ପରିଧାନ କରି ବିଭିନ୍ନ ଅଳଙ୍କାର ସୁନା, ରୁପାରେ ସୁସଜ୍ଜିତ କରାଯାଇଥିଲା। ପରେ ମା'ଙ୍କଠାରେ ପଣା ଭୋଗ ଲାଗି ହୋଇଥିଲା। ପରେ ମଧ୍ୟାହ୍ନରେ ମା'ଙ୍କ ଖିରି, ଖେଚୁଡ଼ି, ଅନ୍ନ, ଡାଲମା, ବେସର, ମହୁର ଆଦି ପ୍ରସାଦ ଲାଗି କରାଯାଇଥିଲା। ହୁରିଆ ସେବାୟତମାନେ ସଂକୀର୍ତ୍ତନ ମଣ୍ଡଳୀ ଘଣ୍ଟ ଘଣ୍ଟା ବାଦ୍ୟ ବାଦନ ସହିତ ଏକ ସୁସଜ୍ଜିତ ବିମାନରେ ମା'ଙ୍କ ଚଳନ୍ତିପ୍ରତିମା ମନ୍ଦିର ଚାରି ପାଖରେ ୭ଥର ପରିକ୍ରମା କରାଯାଇଥିଲା। ପରେ ମା'ଙ୍କ ବିମାନ ମନ୍ଦିର ସମ୍ମୁଖରେ ଅବସ୍ଥାନ କରାଯାଇଥିଲା। ମା'ଙ୍କ ଚଳନ୍ତି ପ୍ରତିମା ସମ୍ମୁଖରେ ରାଉଳ ସମ୍ପ୍ରଦାୟ ସେବକମାନେ ଏକ ଗର୍ତ୍ତରେ ଖାଲି ପାଦରେ ରଢ଼ ନିଆଁରେ ୭ ଥର ପରିକ୍ରମା କରିଥିଲେ। ମାନସିକଧାରୀ ପାଟୁଆମାନେ ମା'ଙ୍କ ବିମାନ ସମ୍ମୁଖରେ ନୃତ୍ୟଗୀତ ପରିବେଷଣ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ଆଳତି ପରେ ରାତି ୧୦ଟା ପରେ ମା' ମହାସିଂହାର ବେଶ କରାଯାଇଥିଲା। ସେହିପରି ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ପୀଠ ପରିସର ମଧ୍ୟରେ ମା' ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ୫ମ ବାର୍ଷିକ ମା'ଙ୍କ ଅଲୌକିକ ଘଟଣା, କିମ୍ବଦନ୍ତୀ, ଅନୁଭୂତି ସମ୍ପର୍କରେ ଏକ ଧାର୍ମିକ ପୁସ୍ତକ ''ମା' ଦରିଆ ରାଣୀ''କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଗନ୍ଧର୍ବ ଚନ୍ଦ୍ର ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଶିଶୁମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଉଥିଲା। ଉପସ୍ଥିତ ଥିବା ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ତଥା ମନ୍ଦିର ସୋଲ ଟ୍ରଷ୍ଟ ରବି ନାରାୟଣ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ସେନା ଆବାହକ ଲକ୍ଷ୍ମୀଧର ସ୍ୱାଇଁ, ସମ୍ପାଦକ ବିରଞ୍ଚି ନାରାୟଣ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ହିନ୍ଦୁ ଏକତା ଶୋଭାଯାତ୍ରାରେ ୨୦ ହଜାରରୁ ଉର୍ଦ୍ଧ୍ୱ ସାମିଲ



**କେନ୍ଦ୍ରାପଡ଼ା, ୧୪।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ହିନ୍ଦୁ ଏକତା ଶୋଭାଯାତ୍ରା ମଙ୍ଗଳବାର ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ଜିଲା ବଜରଙ୍ଗ ଦଳ, ଧର୍ମରକ୍ଷା ସେନା, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଧର୍ମରକ୍ଷା ସେନାର ଆବାହକ ବିବେକାନନ୍ଦ ମହାରଣା କହିଛନ୍ତି, ପ୍ରତିବର୍ଷ ମହାବୀର ଜୟନ୍ତୀରେ ଏହି ଶୋଭାଯାତ୍ରା ହୋଇଥାଏ। ଚଳିତବର୍ଷ ଏହି ଶୋଭାଯାତ୍ରା ସହରର ଇଚ୍ଛାପୁରସ୍ଥ ମାଉସୀ ମା'ମନ୍ଦିରଠାରୁ ବାହାରି ତିନିମୁହାଣୀସ୍ଥ ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ସହର ମଧ୍ୟରେ ବହୁ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ପାଣି ଏବଂ ପଣା ଦେଇ ଏହାକୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା। ଦୀର୍ଘ ୫ କିଲୋମିଟର ଏହି ଶୋଭାଯାତ୍ରା ପଥକୁ ପୋଲିସ ଦ୍ୱାରା ସିଲ କରାଯାଇଥିଲା। ଆଇନଶୃଙ୍ଖଳାକୁ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ପରିଚାଳନା କରିଥିଲେ।

# ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ

**ଡେରାବିଶ, ୧୪।୪(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତରେ ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଚାନ୍ଦୋଳ ମଣ୍ଡଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ତାପସ ରଞ୍ଜନ ନାୟକ ସଂଯୋଜନା କରିଥିଲେ। ଏହି ଅବସରରେ ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରା ବାହାରି ମୁଣ୍ଡାଳୋ ରାମଚଣ୍ଡୀ ମନ୍ଦିର ନିକଟରେ ପହଞ୍ଚି ଥିଲା। ଏଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ନାରିନେତ୍ରୀ ମମତା ସେଠୀ ଉପସ୍ଥିତ ମହିଳାମାନଙ୍କୁ ସୁଭଦ୍ରା ଯୋଜନା ଉପରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ମଣ୍ଡଳ ସାଧାରଣ ସମ୍ପାଦକ ଧୀରେନ୍ଦ୍ର ଶତପଥୀ, ପଞ୍ଚାୟତ ପ୍ରମୁଖ ଗୌରହରି ଦାସ, ସୁରେଶ କୁମାର ପଟ୍ଟନାୟକ ଓ ମଣ୍ଡଳ ସମ୍ପାଦକ ଧନଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇ ସରକାରଙ୍କ ଯୋଜନାରୁ ଜନସାଧାରଣ ସୁଫଳ କିପରି ପାଉଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିରେ ଶତାଧିକ ମହିଳା ଯୋଗଦେଇଥିଲେ।

# ମନର ସୁସ୍ଥତାରେ ଯୁବଗୋଷ୍ଠୀଙ୍କ ଉନ୍ନତି

**ସାଇକେଲ କ୍ଲବର ବାର୍ଷିକ ଆଲୋଚନାଚକ୍ର**

**କେନ୍ଦ୍ରାପଡ଼ା, ୧୪।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସାଇକେଲ କ୍ଲବର ବାର୍ଷିକ ଆଲୋଚନା ଚକ୍ର ସହରର ଇଚ୍ଛାପୁରସ୍ଥ ଶ୍ୟାମାକାଳୀ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପତିତପାବନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରର ଶିର୍ଷକ ସମାଜ ଗଠନରେ ସୁସ୍ଥ ଯୁବଗୋଷ୍ଠୀଙ୍କ ଭୂମିକା ଥିଲା। ଆଲୋଚକମାନେ ସ୍ୱାସ୍ଥ୍ୟ ସହିତ ମନର ସୁସ୍ଥତାକୁ ଗୁରୁତ୍ୱ ଦେଇଥିଲେ। ଏଥିରେ କ୍ଲବ କର୍ମକର୍ତ୍ତା ଡା. ବୀରେନ୍ଦ୍ର ଦାଶ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁକାନ୍ତ କୁମାର ବିଶ୍ୱାଳ, ନିରଞ୍ଜନ ମହାରଣା, ଆଶିଷ ଦାସ, ମାନସ ତ୍ରୀପାଠୀ, ମାତୃଦତ୍ତ ମହାନ୍ତି ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ସାଧାରଣ ମଣିଷଟିଏ ବଞ୍ଚିବା ପାଇଁ ପ୍ରକୃତି ଆମକୁ ସବୁ ଦେଇଛି। ମାତ୍ର ସାଧାରଣ ମଣିଷର ବଞ୍ଚିବା ଶୈଳୀ ବଦଳି ଯାଇଛି। ପ୍ରକୃତିର ସୁରକ୍ଷା ବଦଳରେ ପ୍ରାକୃତିକ ସମ୍ପଦର ନଷ୍ଟକୁ ପ୍ରାଧାନ୍ୟ ଦେଇଛି। ଫଳରେ ମାନସିକ ଓ ଶାରିରୀକ ସନ୍ତୁଳନ ବିଗିଡି ଯାଉଛି। ପୂର୍ବରୁ ପ୍ରତ୍ୟେହ ଦୈନନ୍ଦିନ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଥିଲା। ବର୍ତ୍ତମାନ ଅତ୍ୟାଧୁନିକ ସାମଗ୍ରୀର ବ୍ୟବହାର ଫଳରେ ସହଜରେ କାର୍ଯ୍ୟ ହେଉଛି। ଏହାର ପ୍ରତିବଦଳରେ ମଣିଷର ଶାରିରୀକ ଦୁର୍ବଳତା ଦେଖାଯାଉଛି। ଯୁବବର୍ଗ ପ୍ରତ୍ୟେହ ବାୟାମ କରିବା, ନିଶା ସେବନଠାରୁ ଦୂରେଇବା ଓ ମୋବାଇଲ ପରି ବୈଦ୍ୟୁତିକ ଡିଭାଇସରେ ଅନାବଶ୍ୟକ ଭାବେ ବ୍ୟବହାରକୁ ରୋକିବା ଆବଶ୍ୟକ। ଏଥିରେ ସଦସ୍ୟ ରଶ୍ମିରଞ୍ଜନ ସ୍ୱାଇଁ, ଭବାନୀ ପ୍ରସାଦ ଓଝା, ପ୍ରବୋଧ କୁମାର ପଣ୍ଡା, ମନୋଜ ନାୟକ ପ୍ରମୁଖ ସାଧାରଣ ବ୍ୟାୟମରେ ସାଇକେଲ ଚାଳନାକୁ ଗୁରୁତ୍ୱ ଦେବାକୁ ମତ ରଖିଥିଲେ।

# 'ପାରମ୍ପରିକ ଖାଦ୍ୟ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

**ଡେରାବିଶ, ୧୪।୪(ବେବର୍ତ୍ତା ଅଜୟ ଦାସ)**

ଓଡ଼ିଆ ପକ୍ଷ ଅବସରରେ ଡେରାବିଶ ବ୍ଲକ ଅନ୍ତର୍ଗତ ଯଅଁରାବାରିମୂଳ ପଞ୍ଚାୟତ ମହାସଂଘ କାର୍ଯ୍ୟାଳୟ ପରିସରରେ ଏମ୍‌ବିକେ ତିଲୋତମା ମହାପାତ୍ରଙ୍କ ସଂଯୋଜନାରେ ପାରମ୍ପରିକ ଖାଦ୍ୟ ପାଇଁ ଦିନଟିଏ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ସମ୍ମାନିତ ଅତିଥି ଭାବେ ମହାସଂଘର ସଭାନେତ୍ରୀ ହରପ୍ରିୟା ପରିଡ଼ା, ସଭାନେତ୍ରୀ ଅନିତା ମଞ୍ଜରୀ ରାଉତ ଯୋଗଦେଇ ଅତ୍ୟାଧୁନିକ ଖାଦ୍ୟକୁ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଖାଦ୍ୟ ଖାଇବା ଦ୍ୱାରା ମନୁଷ୍ୟ ବିଭିନ୍ନ ରୋଗଗ୍ରସ୍ତ ହୋଉଥିବା ଯୋଗୁ ଘରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ଖାଇବା ସହ ପରିବାରକୁ ସୁସ୍ଥ ଏବଂ ନିରୋଗ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କିଶୋରୀ ବାଳିକାମାନଙ୍କ ମଧ୍ୟରେ ପାରମ୍ପରିକ ଖାଦ୍ୟ ଶୀର୍ଷକରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଅତିଥିମାନେ ପ୍ରତିଯୋଗିତାରେ କୃତୀ ବାଳିକାମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ସିଆରପି, ଇସି ମେମ୍ବର ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରିଥିଲେ।


କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କିଶୋରୀ, ମହିଳାମାନେ।

# ମା'ମାଟିଆ ମଙ୍ଗଳାଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତିରେ ଗହଳି



**ରାଜନଗର, ୧୪।୪ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକର ବାରଗାଁର ମା' ମାଟିଆମଙ୍ଗଳା ଶକ୍ତି ପୀଠରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳରୁ ପ୍ରାୟ ୫୦ହଜାର ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଥିଲେ। ଭୋର ୩ଟାରେ ମା'ଙ୍କ ବଡସିଂହାର ବେଶ କରାଯାଇଥିଲା। ଏହାପରେ ମା'ଙ୍କର ଷୋଡଶ ଉପଚାର, ବାଲ୍ୟଭୋଗ, ଆଳତି, ପଣାଭୋଗ କରାଯାଇଥିଲା। ମଧ୍ୟାହ୍ନ ଧୂପ ପରେ ୧୨ଟାରେ ୧୫ ମିନିଟ ପାଇଁ ମା'ଙ୍କ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ନରେ ପୁଣି ଶ୍ରଦ୍ଧାଳୁଙ୍କ ଦର୍ଶନ ନିମିତ ମା'ଙ୍କ ମନ୍ଦିର ଖୋଲାଯାଇଥିଲା। ସନ୍ଧ୍ୟା ଆଳତି ଓ ବାଲ୍ୟଭୋଗ ପରେ ଅନ୍ୟ ପୂଜାନୀତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମା' ମାଟିଆମଙ୍ଗଳା ଉନ୍ନୟନ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଥିଲା। ମା'ଙ୍କ ପୀଠରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆଇଆଇସି ନରେଶ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ। ମା'ଙ୍କ ବାର୍ଷିକ ଉତ୍ସବରେ ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ତୋରଣ ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ମନ୍ଦିରକୁ ଫୁଲ ଓ ଲାଇଟରେ ସୁସଜ୍ଜିତ କରାଯାଇଥିଲା। ବ୍ରାହ୍ମଣୀ ନଦୀ କୂଳରେ ମା' ମାଟିଆମଙ୍ଗଳା ପୂଜା ପାଇ ଆସୁଛନ୍ତି। ନଦୀର କରାଳ ଗ୍ରାସରେ ତଟକ୍ଷୟ ଯୋଗୁ ମା'ଙ୍କ ପୁରାତନ ମନ୍ଦିରରେ ନଦୀ ଗର୍ଭକୁ ଚାଲିଗଲା ପରେ ଏବେ ନୂତନ ମନ୍ଦିରରେ ପୂଜା ପାଇ ଆସୁଛନ୍ତି। ମା'ଙ୍କ ପୂଜାନୀତି ଓ କିମ୍ବଦନ୍ତୀ ସାରା ଓଡ଼ିଶାରେ ବିରଳ। ଅନ୍ୟ ଶକ୍ତିପୀଠରେ ବ୍ରାହ୍ମଣମାନେ ପୂଜାପାଠ କରୁଥିବା ବେଳେ ଏଠାରେ ରାଉଳ ସମ୍ପ୍ରଦାୟର ଭକ୍ତମାନେ ମା'ଙ୍କୁ ପୂଜାର୍ଚ୍ଚନା କରି ଆସୁଛନ୍ତି। ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସହିତ ନେତାଙ୍କ ଭିଡ ଜମିଥିଲା। କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା, ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଭାଜପା ନେତା ଲଳିତ କୁମାର ବେହେରା, ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ନେତା ଅଶୋକ କୁମାର ପ୍ରତିହାରୀ, କଂଗ୍ରେସ ନେତା ପ୍ରଶାନ୍ତ କୁମାର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ମା'ଙ୍କ ପୀଠରେ ପହଞ୍ଚି ଦର୍ଶନ କରିଥିଲେ। ଗରମ ସତ୍ତ୍ୱେ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ଭିଡ ଯୋଗୁ ରାଜନଗର ତାଲଚୁଆ ମୁଖ୍ୟ ରାସ୍ତାରେ ଗାଡିଗୁଡ଼ିକ ଦୀର୍ଘ ସମୟ ଧରି ଅଟକି ରହିଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୁନୀତା


@ ଦୀପକ


@ ପୂଜା


@ ଶଶିକାନ୍ତ


@ ରାହୁଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀରେ ପୂଜାର୍ଚ୍ଚନା

**ଡେରାବିଶ/ ପଟ୍ଟାମୁଣ୍ଡାଇ/ ପାଟକୁରା, ୧୪।୪( ବେବର୍ତ୍ତା ଅଜୟ ଦାସ/ କଳ୍ପତରୁ ନାୟକ/ ରବୀନ୍ଦ୍ର ନାଥ ବାରିକ)**


ଡେରାବିଶ

ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନସ୍ଥାନରେ ହିନ୍ଦୁ ନବବର୍ଷ ଭାବେ ପରିଗଣିତ ହୋଇ ଆସୁଥିବା ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ଅଞ୍ଚଳର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ପ୍ରତି ଘର ଅଗଣାରେ ଥିବା ତୁଳସୀ ଚଉଁରାରେ ପଣା ଭୋଗ ସହ ଠେକି ବସିଥିଲା। ହନୁମାନଙ୍କ ଜୟନ୍ତୀ ବ୍ଲକ ଅଧୀନ ୨୬ ପଞ୍ଚାୟତ ସ୍ଥିତ ବିଭିନ୍ନ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଏଥିସହ କେତେକ ସ୍ଥାନରେ ୧୦୮ ହନୁମାନ ଚାଳିଶା ପାଠ ସମେତ ଯଜ୍ଞ ମଧ୍ୟ ହେଉଥିବା ଦେଖାଯାଇଛି। ଏହି ଉପଲକ୍ଷେ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତସ୍ଥିତ ଶ୍ରୀଶ୍ରୀଦଧିବାମନଜୀଉ ମନ୍ଦିର ସମ୍ମୁଖରେ ଥିବା ହନୁମାନ ମନ୍ଦିରରେ ମନ୍ଦିର କମିଟି ମୁଖ୍ୟ ଭଗବାନ ରଣାଙ୍କ ତତ୍ତ୍ୱାବଧାନରେ ଜୟନ୍ତୀ ପାଳିତ ହୋଇଛି। ପ୍ରାତଃରୁ ଏକ ବିଶାଳ ଶୋଭାଯାତ୍ରାରେ ନିକଟସ୍ଥ ପାଟନାଳୀର ଭିତରସନ ଘାଟରୁ କଳସରେ ଜଳ ଅଣାଯାଇ ହନୁମାନ ମନ୍ଦିରସ୍ଥିତ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବନମାଳୀ ଦୁବେ ସପତ୍ନୀକ ଏହି ଯଜ୍ଞକାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ ୧୦୮ ହନୁମାନ ଚାଳିଶା ପାଠ ସହିତ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲେ। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ। ରାତ୍ରରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର କମିଟି କର୍ମକର୍ତ୍ତା ହରେକୃଷ୍ଣ ବାରିକ, ବିପିନ ବିହାରୀ ସାହୁ, ଖଗେଶ୍ୱର କର, ନରହରି ବେହେରାଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ଅନ୍ୟମାନେ ସହଯୋଗ କରିଥିଲେ। ବ୍ଲକ ଅଧୀନ ବିଭିନ୍ନ ଗାଁରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସେହିପରି ଏହି ପବିତ୍ର ଦିବସ ଉପଲକ୍ଷେ ସକାଳୁ ବିଭିନ୍ନ ହିନ୍ଦୁ ସଙ୍ଗଠନ ପକ୍ଷରୁ ଧାର୍ମିକ ଶୋଭାଯାତ୍ରା କରାଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା।

ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଗ୍ରାମାଞ୍ଚଳରୁ ସହରାଞ୍ଚଳର ବିଭିନ୍ନ ହନୁମାନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିବା ସହ ଶୋଭାଯାତ୍ରା, ହନୁମାନ ଚାଳିଶା ପାଠ ଏବଂ ଯଜ୍ଞର ଆୟୋଜନ କରାଯାଇଛି। ଖରା ତେଜରୁ ପବିତ୍ର ତୁଳସୀ ଗଛକୁ ରକ୍ଷା କରିବା ପାଇଁ ପରମ୍ପରା ଅନୁଯାୟୀ ଛାୟା ଓ ଜଳଦାନ ସହ ପଣା, ଛତୁଆ ଭୋଗ କରାଯାଇଛି।

ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀରେ ଗରଦପୁର ବ୍ଲକ ଅଧୀନ ବେଡାରୀ ପଞ୍ଚାୟତ ମହୁରୀଆ ଦଣ୍ଡା ହନୁମାନ ପୀଠରେ ହନୁମାନ ଜୟନ୍ତୀ ଉତ୍ସବ ଧାର୍ମିକ ପୂଜା ପାଠ, ହୋମ ଯଜ୍ଞ ମଧ୍ୟରେ ଶେଷ ହୋଇଛି। ସକାଳ ୮ଟାରେ ନାମ ସଂକୀର୍ତ୍ତନ, ଡ୍ରମ ବାଜା, ତେଲିଙ୍ଗି ବାଜା ଓ ଆତସବାଜି ମଧ୍ୟରେ ପୂଜା ପାଠ କରାଯାଇ ପବିତ୍ର ଚିତ୍ରୋତ୍ପଳା ନଦୀରୁ ଶ୍ରଦ୍ଧାଳୁ ମହିଳାପୁରୁଷ କଳସରେ ପାଣି ଆଣି ଶୋଭାଯାତ୍ରାରେ ଆସି ହନୁମାନ ପୀଠରେ କଳସ ସ୍ଥାପନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ସୌଭାଗ୍ୟ ପଣ୍ଡା ଓ ସହକାରୀ ଆଚାର୍ଯ୍ୟ ପଣ୍ଡିତ ଶିଶିର ମିଶ୍ର ମହାବୀରଙ୍କ ପୂଜା, ଯଜ୍ଞକାର୍ଯ୍ୟରେ ନିୟୋଜିତ ଥିଲେ। କର୍ତ୍ତା ହିମାଂଶୁ ଭୂୟାଁ, କର୍ତ୍ତ୍ରୀ ଭାବେ ସସ୍ମିତା ଭୂୟାଁ କାର୍ଯ୍ୟ ତୁଲାଇଥିଲେ। କଳସ ଶୋଭାଯାତ୍ରାକୁ ଉମେଶ ଚନ୍ଦ୍ର ଦାଶ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ବେଡାରୀ ଗ୍ରାମର ଜନସାଧାରଣଙ୍କ ପ୍ରତ୍ୟକ୍ଷ ସହଯୋଗରେ ହନୁମାନ ଜୟନ୍ତୀ ଉତ୍ସବ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ସେହିପରି ଗରଦପୁର ବ୍ଲକର ନୂଆପଡ଼ା, ହରିଦାସପୁର, କୁଳତୁଠି, ଜଗଦଳପୁର, ପାଟକୁରା, ଗରଦପୁର, ବ୍ରହ୍ମପୁର, କଞ୍ଚିଲ ସମେତ ଅନେକ ଗ୍ରାମରେ ହନୁମାନ ଜୟନ୍ତୀ ପାଳନ ହେଉଛି।

# ଯାତ୍ରୀଙ୍କୁ ଲୁଟୁଛନ୍ତି ବସ୍ କର୍ମଚାରୀ

- ସରକାରୀଦରଠାରୁ ୨ ଗୁଣା ନେଉଛନ୍ତି ବସ୍‌ଭଡ଼ା
- ଭୁବନେଶ୍ୱରକୁ ୧୫୦ ଓ ଖୋର୍ଦ୍ଧାକୁ ୧୦୦ ଟଙ୍କା
- ଭଡା ଆଗୁଆ ନ ଦେଲେ ଓହ୍ଲାଇଯିବାକୁ ପରାମର୍ଶ

ନୟାଗଡ଼,୧୪।୪(ଲୋକନାଥ ମିଶ୍ର)

ଯାତ୍ରୀଙ୍କଠାରୁ ଆଦାୟ ହେଉଛି ଚଢ଼ା ଦରରେ ଯାତ୍ରୀ ଭଡା। ବସ୍‌ରେ ରେଟ୍‌ଚାର୍ଟ ଝୁଲୁ ନ ଥିବାରୁ କଣ୍ଡକ୍ଟର ତାଙ୍କ ହିସାବରେ ବସ୍‌ଭଡା ଆଦାୟ କରୁଛନ୍ତି। ରାଜ୍ୟ ପରିବହନ ବିଭାଗ କି.ମି. ପିଛା ଲାଗୁ ହୋଇଥିବା ବସ୍‌ଭଡାକୁ ଅଡିନାରୀ ବସ୍ ବା ଏକ୍ସପ୍ରେସ୍ ବସ୍ ଭଡା ଆଦାୟ ନ କରି ଯାତ୍ରୀଙ୍କ ଉପରେ ଜୋର ଜୁଲମ କରି ଅଧିକ ଭଡା ନେଉଛନ୍ତି। ନୟାଗଡ଼ରୁ ଭୁବନେଶ୍ୱର ୧୫୦ ଟଙ୍କା ଓ ନୟାଗଡ଼ରୁ ଖୋର୍ଦ୍ଧା ୧୦୦ ଟଙ୍କା ଭଡା ନେଉଛନ୍ତି ବୋଲି ଅଭିଯୋଗ ରହିଛି। ପୁଣି ବସ୍‌ରେ ଚଢ଼ିବା ପୂର୍ବରୁ କଣ୍ଡକ୍ଟରଙ୍କ କହିବା ମୁତାବକ ଟିକେଟ ନ କଲେ ଉଠିବାକୁ ସୁଯୋଗ ଦେଉ ନାହାନ୍ତି। ପାଖଯାତ୍ରୀଙ୍କୁ ବସ୍‌ରେ ଯିବାକୁ ଛେରମାର କରାଯାଉଥିବା ବେଳେ ଦୂରଯାତ୍ରୀଙ୍କୁ ଆଜ୍ଞା ଆପଣ କହି ଚଢ଼ାଉଛନ୍ତି। ବସ କର୍ମଚାରୀଙ୍କ ଜୁଲମକୁ ଆଞ୍ଚଳିକ ପରିବହନ ବିଭାଗ ଆଖିବୁଜି ଦେଇଥିବାରୁ ଯାତ୍ରୀ ହଟହଟା ଓ ଅପଦସ୍ତ ହେବା ସହ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି ବୋଲି ଅନୁରୂପ ଅଭିଯୋଗ ହୋଇ ଆସୁଛି।

ପ୍ରକାଶଯେ, ଅଡିନାରୀ ବସ୍ କିଲୋମିଟର ପିଛା ୮୯ ପଇସା, ଏକ୍ସପ୍ରେସ୍ ୯୩ ପଇସା, ଡିଲକ୍ସ ୧ ଟଙ୍କା ୨୯ ପ, ଏସି ଡିଲକ୍ସ ୧ଟଙ୍କା ୫୭ ପ ନେବା ପାଇଁ ସରକାର ନିୟମ କହୁଛି। ତେବେ ଯାତ୍ରୀଙ୍କଠାରୁ କି.ମି. ପିଛା ୧ ଟଙ୍କାରୁ ଦେଢ଼ ଟଙ୍କା ହିସାବରେ ଯାତ୍ରୀ ଭଡା ଅଡିନାରୀ ବସ୍ ଓ ଅନ୍ୟ ବସ୍‌ଗୁଡିକ ମଧ୍ୟ ଭିନ୍ନ ପ୍ରକାରର ଭଡା ପ୍ରତ୍ୟହ ନେଉଛି। ନୟାଗଡ଼ରୁ ଭୁବନେଶ୍ୱର ୮୫ କି.ମି.ରାସ୍ତାକୁ କିଲୋମିଟର ପିଛା ୮୯ ପଇସା ହିସାବରେ ଅଡିନାରୀ ବସ୍ ୭୬ ଟଙ୍କା ନେବାକୁ ଥିବାବେଳେ ଦେଢ଼ ଶହ ଟଙ୍କା ନେଉଛନ୍ତି। ନୟାଗଡ଼ରୁ ଖୋର୍ଦ୍ଧା ୬୦ କି.ମି.କୁ ୫୪ ଟଙ୍କା ହେଉଥିବା ବେଳେ ୧୦୦ ଟଙ୍କା ନେଉଛନ୍ତି।

ନୟାଗଡ଼ରୁ ଓଡଗାଁ ୨୫ କି.ମି.କୁ ୨୩ ଟଙ୍କା ହେଉଥିବା ବେଳେ ୫୦ ଟଙ୍କା ନେଉଛନ୍ତି। କଣ୍ଡକ୍ଟର କହୁଥିବା ଅନୁଯାୟୀ, ବସ୍‌ଭଡା ନ ଦେଲେ ଓହ୍ଲାଇ ଯିବାକୁ ପରାମର୍ଶ ମିଳୁଛି। ପ୍ରାୟତଃ ସବୁ ବସ୍ ଏପରି ବର୍ଦ୍ଧିତ ଭଡା ମନଇଛା ନେଉଥିବା ବେଳେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଯାତ୍ରୀ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ସରକାର ପୁଣି ରାଜସ୍ୱ ହରାଉଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି।

ଏନେଇ ନୟାଗଡ଼ର ସୁଦାମ ପ୍ରଧାନ କୁହନ୍ତି, ନୟାଗଡ଼ରୁ ଭୁବନେଶ୍ୱର ଦେଢ଼ଶହ ଟଙ୍କା ନ ଦେଲେ ବସ୍ ଉଠାଉ ନାହାନ୍ତି। ପ୍ରତିବାଦ କଲେ ଯାତ୍ରୀଙ୍କୁ ଓହ୍ଲାଇ ଯିବାକୁ ପରାମର୍ଶ ଦେଉଛନ୍ତି। ଅନ୍ୟପକ୍ଷେ ପାଖ ଯାତ୍ରୀଙ୍କୁ ଛେରାମାର କରି ବସରେ ଚଢ଼ାଉ ନାହାନ୍ତି। ବୋଲଗଡ, ବେଗୁନିଆ, ଖୋର୍ଦ୍ଧା ଓ ଭୁବନେଶ୍ୱର ପରି ଦୂର ଯାତ୍ରୀଙ୍କୁ ଆଜ୍ଞା ଆପଣ କହି ଚଢ଼ାଉଛନ୍ତି। ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚଢ଼ାଉ ହେଉ ନ ଥିବାରୁ ଅଡିନାରୀ ବସ୍‌ର ଦୌରାତ୍ମ୍ୟ ଉପରେ ଲଗାମ ଲାଗି ପାରୁ ନାହିଁ। ବରଂ କିଛି ମାସ ହେଲା ଯାତ୍ରୀ ବାଧ୍ୟବାଧକତାରେ ଭଡା ଦେଇ ଖର୍ଚ୍ଚାନ୍ତ ହୋଇ ଚାଲିଛି। ଓଡଗାଁର ଯାତ୍ରୀ ଶାନ୍ତନୁ ବିଶୋଇ କୁହନ୍ତି, ନୟାଗଡ଼ରୁ ଓଡଗାଁ ଗଲେ ୫୦ ଟଙ୍କା ବସ ନେଉଛି। ଏତେଟଙ୍କା ଦେବୁନି କହିଲେ ପଛ ବସ୍ ଦେଖନ୍ତୁ ବୋଲି କହୁଛନ୍ତି। ହେଲେ ବସ୍ ଭଡା ଅଧିକ ନେଉଥିଲେ ମଧ୍ୟ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ। ବସ୍ ମାଲିକମାନେ ଚାନ୍ଦା କୁଆଡେ ଦେଉଥିବାରୁ ଏ ନେଇ କାର୍ଯ୍ୟାନୁଷ୍ଠାହେଉ ନ ଥିବା କହିଛନ୍ତି। ନୟାଗଡ଼ର ବିମଳା ନାୟକ କୁହନ୍ତି, ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚଢ଼ାଉ ଓ ଧରପଗଡ ନ ଥିବାରୁ ଅବ୍ୟବସ୍ଥା ବଢ଼ି ଚାଲିଛି। ଅଯଥାରେ ଯାତ୍ରୀ ଅଧିକ ଅର୍ଥଦେଇ ଶୋଷଣ ହେଉଛନ୍ତି। ଗଣିଆର ରାମଚନ୍ଦ୍ର ସାହୁ କୁହନ୍ତି, ନୟାଗଡ଼ ପରି ଜିଲା ସଦର ମହକୁମାରେ ବସ୍ କର୍ମଚାରୀ ଯାତ୍ରୀଙ୍କୁ ଲୁଟି ଚାଲିଛନ୍ତି। ଗଣିଆରୁ ଧାର୍ଯ୍ୟଠାରୁ ଅଧିକ ନେଉଛନ୍ତି। ରାଜ୍ୟ ପରିବହନ ବିଭାଗର ବସ୍‌ଭଡା ନିର୍ଦ୍ଦେଶନାମାକୁ କର୍ତ୍ତୃପକ୍ଷ ମାନୁ ନାହାନ୍ତି। ଯାତ୍ରୀଙ୍କ ପାଖରେ ବିକଳ୍ପ ନ ଥିବାବେଳେ ପ୍ରତିବାଦ କଲେ ସୁଫଳ ମିଳୁନି।

ଦଶପଲ୍ଲାର ବଟକୃଷ୍ଣ ନାୟକ କୁହନ୍ତି, ରାଜ୍ୟ ପରିବହନ ବିଭାଗ ଲାଗୁ କରିଥିବା ବସ ଭଡା ପ୍ରହସନ। କି.ମି.ପିଛା ୮୯ ପଇସା ଲାଗୁ ହୋଇଥିବା ବେଳେ ଯାତ୍ରୀ ଲୁଟର ଶିକାର ହୋଇ ଚାଲିଛନ୍ତି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଘନ ଘନ ଚଢ଼ାଉ କରାଗଲେ ଏହାକୁ ରୋକାଯାଇ ପାରନ୍ତା। ଅନ୍ୟପକ୍ଷେ କେତେକ ଯାତ୍ରୀ ଅଧିକ ଭଡା ଦେଇବି ସିଟ୍ ପାଉ ନାହାନ୍ତି। ବସ୍‌ରେ ଅଧିକ ଯାତ୍ରୀ ଯାଉଥିଲେ ମଧ୍ୟ ଧରପଗଡ ନାହିଁ।

ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କୁହନ୍ତି, ସରକାରୀ ଦର ଧାର୍ଯ୍ୟଠାରୁ କିଲୋମିଟର ପିଛା ଅଧିକ ନେଉଥିବା ସମ୍ପର୍କରେ ଅଭିଯୋଗ ପାଇ ନାହିଁ। ତେବେ ଏଭଳିଆ ବସ୍ ଭଡା ଆଦାୟ ହେଉଥିଲେ ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି।

## ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରରେ ଦଣ୍ଡୁଆଙ୍କ ମୃତ୍ୟୁ

ଖଣ୍ଡପଡ଼ା, ୧୪।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ବେଢାରେ ସୋମବାର ରାତି ୩ ଟାରେ ଦଣ୍ଡୁଆ ରାମଚନ୍ଦ୍ର ମହାନ୍ତି (୬୨) ଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି। ମା' ବେଢାକାଳୀ ମନ୍ଦିର ବେଢା ପରିକ୍ରମା ବେଳେ ରାମଚନ୍ଦ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ହଠାତ୍ ଚେତାଶୂନ୍ୟ ହୋଇ ତଳେ ପଡି ଯାଇଥିଲେ। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ସଙ୍ଗେ ସଙ୍ଗେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରାମଚନ୍ଦ୍ରଙ୍କ ଘର ଖଣ୍ଡପଡା ସହରର ୧୩ ନଂ ୱାର୍ଡ ଅଧୀନ ଉମାଦେବୀ ସାହିରେ ବୋଲି ଜଣାପଡିଛି। ଘଟଣା ପରେ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରକୁ ଶୋଧ କରାଯାଇ ବହୁ ବିଳମ୍ବରେ ବିଗ୍ରହଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା।

## ଦକ୍ଷିଣକାଳୀଙ୍କ ପୀଠରେ ପଣାଯାତ୍ରା



ଶୋଭାଯାତ୍ରାରେ ମା'ଙ୍କୁ ନିଆଯାଉଛି।

### ଶୋଭାଯାତ୍ରାରେ ଯାଇ ବାଣ୍ଟିଲେ ପଣା

ନୟାଗଡ଼,୧୪।୪(ଲୋକନାଥ ମିଶ୍ର)

ନୟାଗଡ଼ର ଆରାଧ୍ୟ ଦେବୀ ପୁରୁଣାସହରର ଦକ୍ଷିଣକାଳୀ ପୀଠରେ ପଣାଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ଯାତ୍ରା ୭ଦିନ ଧରି ଚାଲୁ ରହିବ। ଭକ୍ତମାନେ ମା'ଙ୍କୁ ଦର୍ଶନ କରିବାକୁ ଧାଡିରେ ଅପେକ୍ଷା କରିଥିଲେ। ଗଛବାଣ, ଶର୍ଟ ବାଣ ଓ ଚକ୍ର ବାଣ ଫୁଟାଇ ମାନସିକଧାରୀ ମାନସିକ ପୂରଣ କରିଥିଲେ। ଭୋର ୫ଟା ୩୦ରେ ମା' ଦକ୍ଷୀଣକାଳୀଙ୍କ ପହଡ଼ ଭଙ୍ଗାଯାଇ ଅବକାଶ ଓ ମାଜଣା ନୀତି କରାଯାଇଥିଲା। ୬ଟା ୩୦ରେ ବଲ୍ଲଭ ଭୋଗ ନୀତି ପରେ ଭକ୍ତମାନେ ପୂର୍ବାହ୍ନ ୯ଟା ୨୦ ପର୍ଯ୍ୟନ୍ତ ମା'ଙ୍କୁ ଦର୍ଶନ କରିଥିଲେ। ପୂର୍ବାହ୍ନ ୯ଟା ୩୦ରେ ଶଙ୍କୁଡି ଭୋଗ ପରେ କିଛି ସମୟ ମା'ଙ୍କର ମନ୍ଦିର ବନ୍ଦ ରହିଥିଲା। ପୂର୍ବାହ୍ନ ୯ଟା ୪୦ରେ ପୁରୁଣା ସହରର ଜଗନ୍ନାଥ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସିବା ପରେ ଦକ୍ଷିଣକାଳୀଙ୍କ ପୀଠରେ ମଧ୍ୟାହ୍ନ ୧୨ .୩୦ରୁ ହୋମ ଯଜ୍ଞ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ମନ୍ଦିର ପୂର୍ବାହ୍ନ ୯ଟା ୪୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିଥିଲା। ପରେ ପହଡ ପଡିଥିଲା। ମାଜଣା ପରେ ପୁଣି ସନ୍ଧ୍ୟା ୬.୪୫ରେ ମନ୍ଦିର ଖୋଲା ହେବାରୁ ଭକ୍ତ ଦର୍ଶନ କଲେ। ସନ୍ଧ୍ୟା ୮ଟାରେ ମା'ଙ୍କ ପଣା ଶୋଭାଯାତ୍ରାରେ ମା' ରାମଚଣ୍ଡୀ, ଶୁଳିଆ ଠାକୁରାଣୀ, ମଙ୍ଗଳା, ବ୍ରାହ୍ମଣୀଦେବି ଓ ତରତେଇଙ୍କୁ ବାଣ୍ଟିବାକୁ ଗଲେ। ପରେ ଦକ୍ଷିଣକାଳୀଙ୍କ ପୀଠରେ ଭକ୍ତମାନେ ପଣା ସେବନ କରିଥିଲେ। ଅନ୍ୟପକ୍ଷେ ପଣା ବଣ୍ଟା ପୂର୍ବରୁ ମାନସିକ ବାଣ ଫୁଟିବା ଆରମ୍ଭ ହୋଇଥିଲା। ମାନସିକ ବାଣରେ ଦକ୍ଷିଣକାଳୀ ପଡିଆ ଧୂଆଁମୟ ହୋଇଗଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଆତସବାଜି ପ୍ରତିଯୋଗିତା ହୋଇଥିଲା। ରାତି ୯ଟାରେ ଶଙ୍କୁଡି ଭୋଗ ପରେ ପୁଣି ୯.୪୫ରୁ ରାତି ୧୧ ଟା ପର୍ଯ୍ୟନ୍ତ ମା' ଦର୍ଶନ ଦେଲେ। ପରେ ପହଡ ପଡିଥିଲା ବୋଲି ଦକ୍ଷିଣକାଳୀ ମନ୍ଦିର ପରିଚାଳନା କମିଟି କମିଟି ସଭାପତି ପ୍ରମୋଦ ପଟନାୟକ ଓ ସମ୍ପାଦକ କିଷାନ ଦାସ ପ୍ରକାଶ କରିଛନ୍ତି।

## ଓଡ଼ିଆ ପକ୍ଷ ଅବସରରେ ଆମ ଝୋଟି ପ୍ରତିଯୋଗିତା



ଓଡ଼ିଆ ପକ୍ଷରେ ମହିଳାମାନଙ୍କୁ ପୁରସ୍କୃତ କରାଯାଉଛି।

ନୂଆଗାଁ, ୧୪।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଓଡ଼ିଆ ପକ୍ଷ ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ଝୋଟି ଚିତା ମୁରୁଜ ପ୍ରତିଯୋଗିତା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି।

ଏପ୍ରିଲ ୧ ଠାରୁ ୧୪ ତାରିଖ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ସମୟକୁ ଓଡ଼ିଆ ପକ୍ଷ ଭାବେ ସାରା ରାଜ୍ୟରେ ପାଳନ କରାଯାଉଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସୋମବାର ଆମ ରୁଚି ଆମ ଖାଦ୍ୟର ଆୟୋଜନ କରାଯାଇଥିଲା। ବ୍ଲକର ୧୫ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ପିଠା କରି ଅତିଥିମାନଙ୍କୁ ଆକୃଷ୍ଟ କରିଥିଲେ। ସେହି କ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଝୋଟି ମୁରୁଜ ଚିତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ନୂଆଗାଁ ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ମହିଳା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକମାନେ ସମସ୍ତଙ୍କ ଝୋଟି ଚିତା ଓ ମୁରୁଜକୁ ଦେଖିବା ସହ ସେମାନଙ୍କ ମଧ୍ୟରୁ ପ୍ରଥମ ଦ୍ୱିତୀୟ ଓ ତୃତୀୟଙ୍କୁ ବାଛିଥିଲେ। ଏହି ପ୍ରତିଯୋଗିତାରେ ନୂଆଗାଁ ମାନସୀ ପ୍ରଧାନ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ବେଳେ ବବିତା ବେହେରା ଦିତୀୟ ଓ ବିଜୟଲକ୍ଷ୍ମୀ ସାହୁ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ବିଜେତାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପଣା ସଂକ୍ରାନ୍ତି ଉପଲକ୍ଷେ ପଣା ପ୍ରସ୍ତୁତ କରି ବଣ୍ଟା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟ ବେହେରା, ବିଡ଼ିଓ ଅମୃତ କୁମାର ରାଉଳ,ଏବିଡ଼ିଓ ମୀନକେତନ ବେହେରା,ବିଏସଏସ ଓ ସ୍ୱର୍ଣ୍ଣସାରିକା ଜେନା,ସାମାଜିକ ସୁରକ୍ଷା ବିଭାଗ କନିଷ୍ଠ ସହାୟକ ରଘୁନାଥ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଓଡ଼ଗାଁ ଅଗ୍ନିଶମ ବିଭାଗ ପକ୍ଷରୁ ସେବା ସପ୍ତାହ



ସେବା ସପ୍ତାହରେ ଗାଡି ସହ କର୍ମଚାରୀମାନେ ।

ଓଡ଼ଗାଁ, ୧୪।୪(ନାରାୟଣ ପାଣିଗ୍ରାହୀ)

ଓଡ଼ଗାଁ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ମଙ୍ଗଳବାର ପାଳିତ ହୋଇଛି। ଏ ଅବସରରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଙ୍ଗଳବାର ରଘୁନାଥ ଜୀଉଙ୍କ ମନ୍ଦିରଠାରୁ ଆରମ୍ଭ କରି ଏନ୍ଏସି ପରିଭ୍ରମଣ କରି ପ୍ରାକୃତିକ ବିପର୍ଯ୍ୟୟ ଦୈବୀ ଦୁର୍ବିପାକ ଓ ଆକସ୍ମିକ ଦୁର୍ଘଟଣାକୁ ଏଡାଇବା ନିମନ୍ତେ କିପରି ସାବଧାନ ଅବଲମ୍ବନ କରିବାକୁ ପଡ଼ିବ ସେ ସମ୍ପର୍କରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରି ସଚେତନ କରାଇଥିଲେ। ଅଗ୍ନିଶମ ସେବାକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ସଚେତନତା ଶୋଭାଯାତ୍ରାରେ ହାବିଲଦାର ହେମନ୍ତ ପରିଡ଼ା, ଦୁର୍ଯୋଧନ ବେହେରା, ସୁମନ୍ତ ଶ୍ରୀଚନ୍ଦନ, ମାନସ ବେହେରା, ତାପସ ସେଠୀ, ବିଭୂତି ଦଳାଇ, ଅମିୟ ଦଳେଇ ଓ ଭାସ୍କର ମାଣିଆଙ୍କ ସହିତ ଅନ୍ୟ ସହକର୍ମୀମାନେ ସହଯୋଗ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୁନୀତା



@ ଦୀପକ



@ ପୂଜା



@ ଶଶିକାନ୍ତ



@ ରାହୁଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଜବ ସଂସ୍କୃତି, ପିଠିରେ କଣ୍ଟା ଫୋଡ଼ାଯାଇ ଅରଟରେ ବୁଲିବା

ଖଣ୍ଡପଡା,୧୪।୪
(ଅଜୟ କୁମାର ମହାରଣା)

ଓଡ଼ିଶାର କେତେକ ଦେବୀଦେବ ପୀଠରେ ଅଜବ ସଂସ୍କୃତି ତଥା ଭିନ୍ନ ପୂଜା ନୀତି ଦେଖିବାକୁ ମିଳିଥାଏ। ସେହିପରି ଖଣ୍ଡପଡା ବ୍ଲକ କଣ୍ଟିଲୋ ହରିସୁବୁଦ୍ଧିପାଟଣା, ପାଣୁସାହୁପାଟଣା ତିଅର ସମ୍ପ୍ରଦାୟ ଓ କୁମ୍ଭାରପଡା ଗ୍ରାମର ପାଳିତ ହେଉଥିବା ପାଟମରା ପର୍ବର ପରମ୍ପରା ନିଆରା। ଚୈତ୍ରମାସରେ ପାଳିତ ହେଉଥିବା ଦଣ୍ଡଯାତ୍ରାରେ ଭକ୍ତମାନେ ଅଥବା ମାନଶିକଧାରୀମାନେ ବେକରେ ପଇତା ପକାଇ ଆମିଷଠାରୁ ଦୂରରେ ରହୁଥିବା ବେଳେ ମା'ମଙ୍ଗଳାଙ୍କୁ ମଦ ଓ ଅଣ୍ଡା ଭୋଗଲାଗି ହୋଇଥାଏ। ଏପରି ଏକ ଭିନ୍ନ ପରମ୍ପରା ମଙ୍ଗଳବାର ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଢୋଲମରା, କୁମ୍ଭାରପଡା, କଣ୍ଟିଲୋ ପାଣୁସାହୁ ପାଟଣା ତିଅରସାହି ଓ ହରିସୁବୁଦ୍ଧି ପାଟଣା ପାଟମରା ଉତ୍ସବରେ ଦେଖିବାକୁ ମିଳିଥିଲା। ହଜାର ହଜାର ଦର୍ଶକ ସମାଗମ ହୋଇ ଏହି ପର୍ବକୁ ଉପଭୋଗ କରିଥିଲେ। ରଡ଼ ନିଆଁରେ ଚାଲିବା, କଣ୍ଟା ଶେଜରେ ଗଡ଼ିବା ଓ ପିଠରେ କଣ୍ଟା ଫୋଡି ଅରଟରେ ଓହଳିବା ପରି ସାଧନାକୁ କେହି ଅନ୍ଧ ବିଶ୍ୱାସ ବା କୁଛ୍ର ସାଧନା ବୋଲି କହିପାରନ୍ତି। ମାତ୍ର ଏହି ଦଣ୍ଡକୁ ସିଦ୍ଧିର ଚରମ ପନ୍ଥା ବୋଲି ବାଛି ନେଇଛନ୍ତି ଦଣ୍ଡ ବ୍ରତ ପାଳୁଥିବା ଅନେକ ଭକ୍ତମାନେ। ଏହି ସଂସ୍କୃତି ବା ପରମ୍ପରା କାହିଁ କେବେଠାରୁ ଚାଲିଆସୁଛି। ଭକ୍ତମାନେ ଦୋଳ ପୂର୍ଣ୍ଣମୀଠାରୁ ଆମିଷ ଭୋଜନରୁ ସଂପୂର୍ଣ୍ଣ ଦୂରରେ ରହିଥାନ୍ତି। ତେବେ ମା'ମଙ୍ଗଳାଙ୍କ ପର୍ବର ଅନ୍ତିମ ଦିବସ ବିଷୁବ ସଂକ୍ରାନ୍ତିରେ ମା'ଙ୍କୁ ମଦ, ଅଣ୍ଡାରେ ପୂଜା କରାଯାଉଥିବା ଦେଖିବାକୁ ମିଳିଛି। ଭକ୍ତମାନେ ବିଷୁବ ସଂକ୍ରାନ୍ତିର ୯ ଦିନ ପୂର୍ବରୁ ନିଜ ଘରଛାଡି ମା'ଙ୍କ ପୀଠରେ ରହିବା ସହିତ ଦିନବେଳା ସଂପୂର୍ଣ୍ଣ ନିର୍ଜଳା ରହଥାନ୍ତି। ସନ୍ଧ୍ୟା ବା ରାତିରେ ମାତ୍ର ପଣା ଗ୍ଲାସଟିଏ ପାନ କରିଥାନ୍ତି। ଖାଇବା ସମୟରେ କୌଣସି ପ୍ରାଣୀର ଯଦି ଶବ୍ଦ ଶୁଣାଯାଏ ତେବେ ଖାଇବା ବନ୍ଦ ରହିବା ବିଧି ରହିଛି। ୯ଦିନ ପରେ ଏହି ନିଷ୍ଠାପର ପରମ୍ପରା ସମ୍ପନ୍ନ ହୋଇଥାଏ।

ସୂଚନାଯୋଗ୍ୟ, ପଣା ସଂକ୍ରାନ୍ତିରେ ମା'ମଙ୍ଗଳାଙ୍କ ଚଳନ୍ତି ପ୍ରତିମାକୁ କାଳିଶି ଓ ଭକ୍ତମାନେ ନିକଟସ୍ଥ ପାଣୁସାହୁ ପାଟଣା ବଡ଼ ପୋଖରୀ ନଅର ତୁଠକୁ ବିଜେ କରାଇ ପୋଖରୀ କୂଳରେ ସ୍ଥାପନା କରିଥିଲେ। କାଳିଶି ସ୍ନାନ କରିବା ପରେ ମା'ଙ୍କ ସାମନାରେ ମଦ, ଅଣ୍ଡା, ନଡ଼ିଆ, କଦଳୀ ରଖାଯାଇ ଧୂପ ଓ ଘିଅ ସଞ୍ଜ ଦିଆଯାଇଥିଲା। କାଳଶି ମା'ଙ୍କ ପ୍ରତିମାକୁ ନେଇ ପୁଷ୍କରିଣୀ ଜଳ ମଧ୍ୟରେ ଠିଆ ହୋଇଥିଲେ। ପାଟମରା ମାନସିକ ରଖିଥିବା ଭକ୍ତମାନେ ପୁଷ୍କରିଣୀ ମଧ୍ୟରେ ମା'ଙ୍କ ପ୍ରତିମାକୁ ଜାବୁଡି ଧରି ଠିଆ ହୋଇଥିବା ବେଳେ ଅନ୍ୟ ଜଣେ ଭକ୍ତ ସେମାନଙ୍କ ପିଠିରେ ସିନ୍ଦୁର ଚିହ୍ନ ଲଗାଇ ଅଙ୍କୁଶ କଣ୍ଟା ଫୋଡିଥିଲା। କଣ୍ଟାର ଅପରପାଶ୍ୱରେ ଏକ ଶକ୍ତ ଦଉଡି ଲାଗିଥାଏ। କଣ୍ଟା ଫୋଡାଗଲେ ମଧ୍ୟ ଭକ୍ତଙ୍କ ପିଠିରୁ ଟୋପାଟିଏ ରକ୍ତ ଝରି ନ ଥିଲା। କଣ୍ଟାଫୋଡା ପରେ କାଳଶି ପୂଜା ହୋଇଥିବା ଅଣ୍ଡାକୁ ଫୁଟାଇ ତା'ଉପରେ ମଦ ଢାଳି ଥିଲେ। ଏହା ପରେ ଭକ୍ତମାନେ ଢୋଲବାଦ୍ୟର ତାଳେତାଳେ ନାଚି ନାଚି ଗ୍ରାମ ପରିକ୍ରମା କରିଥିଲେ। ଅନୁରୂପ ଭାବେ ଜଗନ୍ନାଥପ୍ରସାଦ କୁହାହରା, ଢୋଲମରା ଓ କୁମ୍ଭାରପଡା ଗ୍ରାମରେ ଅନୁଷ୍ଠିତ ଏହି ପାଟମରା ପର୍ବ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ଗ୍ରାମ ପରିକ୍ରମା ପରେ ସମସ୍ତ ପାଟମରା ଭକ୍ତ ଅରଟ ପାଖରେ ଉଭା ହେବା ପରେ ପାଟଭକ୍ତଙ୍କ ପିଠିରେ ଫୋଡା ଯାଇଥିବା କଣ୍ଟାର ଅନ୍ୟ ପାଖରେ ବନ୍ଧା ହୋଇଥିବା ଦଉଡିକୁ ୨୦ଫୁଟ ଉଚ୍ଚ ଅରଟରେ ବାନ୍ଧି ଦିଆଯାଇଥାଏ। ଅରଟର ଅନ୍ୟ ପାର୍ଶ୍ୱକୁ ଭକ୍ତମାନେ ଦଉଡି ସାହାଯ୍ୟରେ ଘୁରାଇବା ବେଳେ ଅରଟରେ ବନ୍ଧା ଯାଇଥିବା ସମ୍ପୃକ୍ତ ଭକ୍ତ ତାପସ ନାଏକ ହାତ ଗୋଡ ଭୂମି ସହ ସମାନ୍ତରାଳ ଭାବରେ ରଖି ଝୁଲି ରହିଥାନ୍ତି। ଅରଟରେ ବନ୍ଧା ହୋଇଥିବା ଆମ୍ବକୁ ସମ୍ପୃକ୍ତ ପାଟମରା ଭକ୍ତ ଉପସ୍ଥିତ ଜନଗହଳି ମଧ୍ୟକୁ ଫିଙ୍ଗିଥିଲେ। ଲୋକେ ଏହାକୁ ହସ୍ତଗତ କରିବାକୁ ଚାତକ ପରି ଚାହିଁ ରହିଥିଲେ। ବିଶ୍ୱାସ ଅଛି, ଏହି ଆମ୍ବକୁ ଯିଏ ପାଇବ ତା'ର ମାନସିକ ପୂରଣ ହୋଇଥାଏ। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳ ତିଅରସାହିର ପାଟଭକ୍ତମାନେ ସ୍ନାନ ସମ୍ପନ୍ନ କରି ଏକ ପାଟ ପଟୁଆରରେ ବାଘ, ଭାଲୁ, ଘଣ୍ଟଘଣ୍ଟି, ମର୍ଦ୍ଦନ ନାଦ, ସଂକୀର୍ତ୍ତନ ଦଳ ମାଧ୍ୟମରେ ନଗର ପରିକ୍ରମା କରି ମା' ମଙ୍ଗଳାଙ୍କ ଯାତ୍ରା ପଡିଆକୁ କାଳିଶିଙ୍କ ସହ ଆସି ପୂଜାର୍ଚ୍ଚନା ପରେ ୧୨୧ ଫୁଟ ଲମ୍ବର ଏକ ଝାମୁ ଗର୍ତ୍ତରେ ପ୍ରସ୍ତୁତ ହୋଇଥିବା ନିଆଁ ଉପରେ ଖାଲି ପାଦରେ ଚାଲିଥିଲେ।



ଜଣେ ଦଣ୍ଡୁଆଙ୍କ ପିଠିରେ କଣ୍ଟା ଫୋଡାଯାଇଛି।

### ଭକ୍ତି ନିଷ୍ଠା ଉଡ଼ାଯାତ୍ରା, ଝାମୁଯାତ୍ରା ଉଦ୍‌ଯାପିତ

ବ୍ରତଧାରୀ ଆମିଷଠାରୁ ଦୂରରେ ଥିବା ବେଳେ ମା' ପୂଜା ପାଆନ୍ତି ମଦ, ଅଣ୍ଡାରେ

